## ସଂକ୍ଷେପରେ

### ୨ ବଖରା ଜଳିଗଲା

ରୂପ୍‌ସା,୧୨।୧୧(ଡି.ଏନ୍‌.ଏ.)-ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ହାତିଆଡ଼ିହା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ଗେହ୍ଲି ବୈଠାଙ୍କର ୨ ବଖରା ବାସଗୃହ ଭସ୍ମୀଭୂତ ହୋଇଯାଇଛି। ଘରର ଆସବାବପତ୍ର, ଲୁଗାପଟା, ବାସନକୁସନ, ଧାନଚାଉଳ ସମେତ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ବସ୍ତା ଦମକଳ ବାହିନୀ ପହଞ୍ଚି ନିଆଁକୁ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ସିମୁଳିଆ,୧୨।୧୧(ଡି.ଏନ୍‌.ଏ.)-ବାଲେଶ୍ୱର ଜିଲା ସିମୁଳଆ ବ୍ଲକ ଜାମୁଝାଡ଼ି ପଞ୍ଚାୟତ ଚାନ୍ଦୋତି ଗ୍ରାମର ଲକ୍ଷ୍ମୀଧର ସାହୁ (୩୯)ଙ୍କ ସୋମବାର ପୂର୍ବାହ୍ନରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ତାଙ୍କୁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥାଇପାରେ ବୋଲି ସେମାନେ ଦର୍ଶାଇଛନ୍ତି।

### ବିଦ୍ୟୁତ୍‌ ତାର ଚୋରି ଅଭିଯୋଗ

ରୂପ୍‌ସା, ୧୨।୧୧(ଡି.ଏନ୍‌.ଏ.)-ବାଲେଶ୍ୱର ସଦର ବ୍ଲକ ଚାଉଳପୁରା ଗ୍ରାମ ଦେଇ ଯାଇଥିବା ବିଦ୍ୟୁତ୍‌ ଖୁଣ୍ଟିରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍‌ ତାର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବସ୍ତା ଥାନାରେ ମଙ୍ଗଳବାର ଏକ ମାମଲା (ନଂ. ୩୪୩/୧୯) ରୁଜୁ କରି ପୋଲିସ ତଦନ୍ତ ଜାରି କରିଛି। ୬ମାସ ପୂର୍ବରୁ ୧୧ଟି ବିଦ୍ୟୁତ୍‌ ଖୁଣ୍ଟରୁ ତାର କାଟି ନେଇଥିବା ନେଇ ବିଦ୍ୟୁତ୍‌ ଠିକାଦାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ତନାଘନା ଆରମ୍ଭ ହୋଇଛି।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ଖଇରା, ୧୨।୧୧(ଡି.ଏନ୍‌.ଏ.)-ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ୭ ତାରିଖରେ ପ୍ରସିଦ୍ଧ ଶୂନ୍ୟମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ରତିକାନ୍ତ ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ଆସନ୍ତା ୨୦୨୦ ମସିହା ଫେବୃୟାରୀ ପ୍ରଥମ ସପ୍ତାହରେ ସଂଘର ବାର୍ଷିକ ଉତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଉତ୍ସବରେ ପ୍ରକାଶିତ ହେବାକୁ ଥିବା ମୁଖପତ୍ର ପାଇଁ କିଭଳି ଶୀଘ୍ର ଲେଖାଆସିବ ସେଥିପାଇଁ ସଭାପତି ନାୟକ ଓ ସମ୍ପାଦକ ଶତ୍ରୁଘ୍ନ ଦାସ ସଭ୍ୟାସଭ୍ୟଙ୍କୁ ଅନୁରୋଧ କରିଥିଲେ। ସମ୍ପାଦକଙ୍କ ନିକଟରେ ଲେଖା ଜମା କରାଯିବାକୁ କୁହାଯାଇଥିଲା। ୧୩ ତାରିଖରେ ଶୂନ୍ୟମଣ୍ଡପରେ ରାହାସ ପୂର୍ଣ୍ଣିମା ପାଳନ ଅବସରରେ ୧୪ତାରିଖରେ ଅଳିଆ ଆବର୍ଜନା ସଫା କରିବା ପାଇଁ ଏକଜୁଟ୍‌ ହେବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

### ଯୁବକଙ୍କ ଆତ୍ମହତ୍ୟା

ବାହାନଗା,୧୨।୧୧(ଡି.ଏନ୍‌.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ସାରଙ୍ଗପୁର ଗ୍ରାମର ଶରତ ମହାରଣା(୪୫) ନାମକ ଯୁବକ ମଙ୍ଗଳବାର ଘରୋଇ କଳିକୁ କେନ୍ଦ୍ରକରି ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଏନେଇ ଖନ୍ତାପଡା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪୬/୧୯) ରୁଜୁ କରାଯାଇଥିବା ଗୋପାଳପୁର ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନ ସୂଚନା ଦେଇଛନ୍ତି। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଲେ

ବାଲେଶ୍ୱର ଅଫିସ, ୧୨।୧୧


ବାଲିଘାଟରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଛନ୍ତି।

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପାଇଁ ବାଲେଶ୍ୱର ସହର ଚଳଚଞ୍ଚଳ ହୋଇପଡ଼ିଥିଲା। ମଙ୍ଗଳବାର ଭୋର୍‌ ସମୟରେ ସହରର ବିଭିନ୍ନ ନଦୀ, ପୋଖରୀ ଓ ସମୁଦ୍ରରେ ଡଙ୍ଗା ଭସାଇ ଶ୍ରଦ୍ଧାଳୁମାନେ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଥିଲେ।

ବୁଢ଼ାବଳଙ୍ଗ ନଦୀ ତୀରରେ ଅବସ୍ଥିତ ବାଲିଘାଟ ନୌବାଣିଜ୍ୟ ପରମ୍ପରାର ଅନ୍ୟତମ ମୂକସାକ୍ଷୀ। ଏହି ସ୍ମୃତିକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ଚାନ୍ଦିପୁର ଉପକୂଳରେ ବୋଇତ ବନ୍ଦାଇବା ପାଇଁ ଜିଲା ସମେତ ପଡ଼ୋଶୀ ମୟୂରଭଞ୍ଜ ଓ ଭଦ୍ରକ ଜିଲାରୁ ମଧ୍ୟ ଶ୍ରଦ୍ଧାଳୁମାନେ ଛୁଟି ଆସିଥିଲେ। ଶ୍ରଦ୍ଧାଳୁମାନେ ନଦୀଘାଟରେ ବୁଡ଼ ପକାଇବା ପରେ ସୂର୍ଯ୍ୟ ଦର୍ଶନ କରି ବିଭିନ୍ନ ମନ୍ଦିରରେ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରି ପରିବାରର ଶୁଭ ମନାସିଥିଲେ। ଏହାସହ ଶ୍ରଦ୍ଧାଳୁମାନେ ନଗର ସଙ୍କୀର୍ତ୍ତନରେ ବାହାରି ସହର ପରିକ୍ରମା କରିଥିଲେ। ଘରେ ଘରେ ତୁଳସୀ ଚଉରା ମୂଳରେ ଝୋଟି ଚିତା ଏବଂ ମୁରୁଜ ଆଙ୍କିବା ସହିତ ମହିଳାମାନେ ପୂଜାର୍ଚ୍ଚନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅବଧାନ,**
**ଆଗ ମାଇପକୁ ଚଡ଼ଚାପଡ଼**
**ପଛ ମାଇପକୁ ସାବଧାନ ।**

ଏହା ଏକ ସାମାଜିକ ବ୍ୟଙ୍ଗ। ପ୍ରଥମ ସ୍ତ୍ରୀ ସ୍ୱାମୀର ଅନେକ ଦଡ଼ିମଡ଼ି ଭଲମନ୍ଦ ଗାଳିଗୁଲଜ ସହିପାରେ। ଦୁଃଖକଷ୍ଟ ଯନ୍ତ୍ରଣା ସହି ସେ ସ୍ୱାମୀକୁ ମାନି ଚଳିବା ସହ ଦି'ଚାପଡ଼ ପକେଇଲେ ବି ସହିଯାଏ। କିନ୍ତୁ ପଛରେ ବିଭାହୋଇଥିବା ସ୍ତ୍ରୀ ପ୍ରତି ଏତାଦୃଶ ବ୍ୟବହାର ଦେଖାଇଲେ ସେ ସହେ ନାହିଁ। ପୁରୁଷକୁ କୌଣସି କାରଣରୁ ବଶ ବା ମୁଗ୍ଧକରି ଆସିଥିବା ଉକ୍ତ ମହିଳା ପୁରୁଷ ଉପରେ ହୁକୁମ ଜାହିର କରେ। କାଳେ ଅଭିମାନ କରି ଘରୁ ପଳେଇବ ସେ ନେଇ ପୁରୁଷ ତାକୁ ଡରିହରି ଚଳିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଘଟ ଘଟାଇ କହୁଛି କଥା,**
**ଗୋଟିଏ ଗଣ୍ଡିକି ଚାରିଟି ମଥା ।**

କିଛି ବ୍ୟକ୍ତି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ତଟସ୍ଥ ହୋଇଯାଏ। ଆଚମ୍ବିତ କଥା ଶୁଣି କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଗୋଟିଏ ଶରୀରରେ ଚାରିଟି ମୁଣ୍ଡ ରହିବା ଭଳି ନିହାତି ଅସମ୍ଭବ ତଥା ଅବାସ୍ତବ କଥା କହୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଉତ୍ସବ ସମ୍ପର୍କ ସ୍ଥାପନର ମାଧ୍ୟମ

ରେମୁଣା, ୧୨।୧୧(ଡି.ଏନ୍‌.ଏ.)

ଉତ୍ସବ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୀମିତ ନୁହେଁ। ଏହାଦ୍ୱାରା ସମ୍ପର୍କ ସ୍ଥାପନ କରିବା ସହଜ ହୋଇଥାଏ ବୋଲି ରେମୁଣା ବ୍ଲକ ବୋଇତବାଙ୍କ ସୁନେଇ ନଦୀ କୂଳରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି। ଉତ୍କଳର ଏହି ମହାନ୍‌ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ମୁଖ୍ୟ ଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା ଯୋଗଦେଇ ଗ୍ରାମାଞ୍ଚଳରେ ଏହିଭଳି କାର୍ଯ୍ୟକ୍ରମ ଦ୍ୱାରା ସଦ୍‌ଭାବନା ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ଉଦ୍‌ଘାଟକ ଭାବେ ବରିଷ୍ଠ ଅଧିବକ୍ତା କୃତିବାସ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ବକ୍ତା ଭାବେ ଡ.ଶ୍ୟାମସୁନ୍ଦର ପଣ୍ଡା ଏବଂ ଅନ୍ୟତମ ଅତିଥି ଭାବେ ବିଧାନ ଚନ୍ଦ୍ର ରାୟ ଯୋଗଦେଇଥିଲେ। କମିଟି ସଭାପତି ଅନିମେଶ ସ୍ୱାଇଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ କବି ସମ୍ମିଳନୀ ସହ ନଦୀରେ ବୋଇତ ଭସାଯାଇଥିଲା। ଶେଷରେ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।


ବୋଇତ ବନ୍ଦାଣ ଉତ୍ସବରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

### ଜନଶୁଣାଣିରେ ୧୪୩ ଅଭିଯୋଗ

ସୋର, ୧୨।୧୧(ଡି.ଏନ୍‌.ଏ.)-ସୋର ବ୍ଲକ ପରିସରରେ ସୋମବାର ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋରଙ୍କ ଉପସ୍ଥିତିରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୪୩ଟି ଅଭିଯୋଗ ଶୁଣାଣି ହୋଇଥିଲା। ଶିବିରରେ ବିଧବା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା, ରାସ୍ତା, ପାନୀୟଜଳ, ବିଦ୍ୟୁତ୍‌, ସ୍ୱାସ୍ଥ୍ୟ, କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଆଦି ନେଇ ଅଭିଯୋଗ ହୋଇଥିଲା। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ନୀଲୁ ମହାପାତ୍ର, ସୋର ବିଡ଼ିଓ ଚାର୍ଲସ ନାୟକ, ତହସିଲଦାର ଦେବୀ ପ୍ରସନ୍ନ ଦାସ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ ପଣ୍ଡା, ସୋର ଥାନା ଅଧିକାରୀ କ୍ଷମାସାଗର ପଣ୍ଡା, ବ୍ଲକ ଅଧକ୍ଷା ଅତସି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ସଂସ୍କୃତି, ପରମ୍ପରା ରକ୍ଷା ଲାଗି ପ୍ରୟାସ ଜରୁରୀ'


ବାର୍ଷିକ ଉତ୍ସବରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟମାନେ।

ରେମୁଣା, ୧୨।୧୧(ଡି.ଏନ୍‌.ଏ.)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶେରଗଡ଼ ନିକଟ ବଇଁଚାସ୍ଥିତ ନନ୍ଦିଘୋଷ ଜଗନ୍ନାଥ ମନ୍ଦିର କମିଟିର ତ୍ରୟୋଦଶ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ମନ୍ଦିରରେ ଠାକୁରଙ୍କ ବିଶେଷ ପୂଜାର୍ଚ୍ଚନା କରାଯିବା ସହ ଭଜନ କୀର୍ତ୍ତନ ଆୟୋଜନ କରାଯାଇଥିଲା। କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀ ବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତି ଓ ପରମ୍ପରା ରକ୍ଷା ଲାଗି ସମସ୍ତେ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଆୟୋଜିତ ଧର୍ମସଭା ଇଂ. ଦୀପକ କୁମାର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବୀରେନ୍ଦ୍ର ପଣ୍ଡା, ପୂର୍ବତନ ସରପଞ୍ଚ ସୋମନାଥ ରାଉତ, ଦାମୋଦର ଖଣ୍ଡା, ସୁରଜିତ କୁମାର ନାୟକ ଯୋଗଦେଇଥିଲେ। ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ସହଯୋଗ ସକାଶେ କମିଟିର କର୍ମକର୍ତ୍ତା ସହଯୋଗ କାମନା କରିଥିଲେ। ଦୀନବନ୍ଧୁ ବେହେରା ମନ୍ଦିର ପ୍ରତିଷ୍ଠା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାକ ସୂଚନା ପ୍ରଦାନ କରିଥିଲେ। ପରେ ସାମୂହିକ ପ୍ରସାଦସେବନ କରାଯାଇଥିଲା।

# ସୁବର୍ଣ୍ଣରେଖା ଫେରିଘାଟରେ ନୌବିହାର

ଭୋଗରାଇ, ୧୨।୧୧(ଡି.ଏନ୍‌.ଏ.)-ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଆରୁହାବୃତ୍ତି ଉ.ପ୍ରା. ବିଦ୍ୟାଳୟ ପଡ଼ିଆରେ ୩ଦିନ ବ୍ୟାପୀ ଚାଲିଥିବା ପିପିଲି-ସାହାବନ୍ଦର ବୋଇତ ବନ୍ଦାଣ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉତ୍କଳୀୟ ପରମ୍ପରା ଓ ଓଡ଼ିଆ ସାଧବ ପୁଅର ଗୌରବମୟ ଗାଥାକୁ ମନେ ପକାଇ ଆଗାମୀ ପିଢ଼ି ଆଗକୁ ଅଗ୍ରସର ହୁଅନ୍ତୁ ବୋଲି ବହୁ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆରୁହାବୃତ୍ତି ୧ନଂ. ଗ୍ରାମ ସହ ଆଖପାଖ ଗ୍ରାମରୁ ଦୁଇଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ବାହାରି ଦହମୁଣ୍ଡା ସୁବର୍ଣ୍ଣରେଖା ଫେରିଘାଟରେ ପହଞ୍ଚି ସୁସଜ୍ଜିତ ଡଙ୍ଗାରେ ବସି ଦୁଇ କି.ମି. ନୌବିହାର ପରିକ୍ରମା କରି ମନୁନଗରଠାରେ ପହଞ୍ଚିଥିଲେ। ସେଠାରେ ନୌବିହାରରେ ଆସିଥିବା ଅତିଥିମାନଙ୍କୁ ଫୁଲ ଚନ୍ଦନ, ଶଙ୍ଖ ହୁଳହୁଳି, ସାହାନାଇ ବାଦ୍ୟ, ଆତସବାଜିରେ ମହିଳାମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରି ପାଛୋଟି ନେଇଥିଲେ। ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ବହୁ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ। ସ୍ତମ୍ଭକାର ସତ୍ୟଶିବ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ.ମଧୁମିତା ଦାସ, ମୁଖ୍ୟବକ୍ତା ଗାଳ୍ପିକ ପ୍ରଶାନ୍ତ କୁମାର ଦାସ ଯୋଗ ଦେଇଥିଲେ।


ନୌବିହାରରେ ଆସିଥିବା ଅତିଥିମାନଙ୍କୁ ସ୍ୱାଗତ କରାଯାଉଛି।

■ମିର୍ଜାପୁର ସେବା ସମବାୟ ସମିତିର ବାର୍ଷିକ ଅଧିବେଶନ

# ଲାଭାଂଶ ବଣ୍ଟନ, ଗୃହ ନିର୍ମାଣ ସମ୍ପର୍କରେ ଆଲୋଚନା

ଖଇରା, ୧୨।୧୧(ଡି.ଏନ୍‌.ଏ.)

ଖଇରା ବ୍ଲକ ଅଧୀନ ମିର୍ଜାପୁର ସେବା ସମିତିର ବାର୍ଷିକ ଅଧିବେଶନ ପରିଚାଳନା ବୋର୍ଡର ସଭ୍ୟ ଓ ଚାଷୀମାନଙ୍କ ଗହଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଦିଲୀପ କୁମାର ବେହେରା ଏଥିରେ ପୌରୋହିତ୍ୟ କରିଥିଲେ। ପ୍ରଥମେ ସମ୍ପାଦକ ଦେବାଶିଷ ପାତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୨୦୧୯-୨୦ର ଆୟବ୍ୟୟର ହିସାବ ଓ ଆସନ୍ତା ୨୦୨୦-୨୧ବର୍ଷର ବଜେଟ ଉପରେ ଆଲୋକପାତ କରାଯାଇଥିଲା। ସମିତି ୫ବର୍ଷ ଧରି କ୍ରମାଗତ ଲାଭ କରି ଚାଲିଥିବାରୁ ପ୍ରଥମେ ଲାଭାଂଶ ବଣ୍ଟନ ଉପରେ ଆଲୋଚନା କରାଯାଇଥିଲା । ସମିତିର ନିଜସ୍ୱ ଗୃହ ନିର୍ମାଣ ଲାଗି ଆବଶ୍ୟକ ଜାଗା ଯୋଗାଇ ଦେବାକୁ ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଆବେଦନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏଥିସହ ନିକଟରେ ବୁଲ୍‌ବୁଲ୍‌ ବାତ୍ୟାରେ କ୍ଷତି ସହିଥିବା ଚାଷୀମାନେ କିଭଳି କ୍ଷତିପୂରଣ ପାଇବେ ସେ ସମ୍ପର୍କରେ ବିଚାର ବିମର୍ଶ କରାଯାଇଥିଲା। ରିଜୋଲ୍ୟୁଶନ ମାଧ୍ୟମରେ ଜିଲାପାଳଙ୍କୁ ଜଣାଇବାକୁ ସମିତି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଖିଲାପି ଋଣୀମାନଙ୍କ ପାଖରୁ ଋଣ ଆଦାୟ ସମ୍ପର୍କରେ ବିଶଦ୍‌ ଆଲୋଚନା କରାଯାଇଥିଲା। ଖଇରା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସଞ୍ଜୟ କୁମାର ମହାନ୍ତି, ଚାଷୀ ନବ କିଶୋର କର, ପ୍ରଭାତ କୁମାର ପଣ୍ଡା, ନାରାୟଣ ପଣ୍ଡା, କୈଳାସ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

■ବୋଇତ ବନ୍ଦାଣ ଉତ୍ସବ ସରିଲା

# ନୀଳରକ୍ତ କଙ୍କଡ଼ା ମୁଖ୍ୟ ଆକର୍ଷଣ


ବୋଇତ ବନ୍ଦାଣ ଉତ୍ସବରେ ଉପସ୍ଥିତ ଅତିଥି ଓ ଶ୍ରଦ୍ଧାଳୁ।

ରୂପ୍‌ସା, ୧୨।୧୧(ଡି.ଏନ୍‌.ଏ.)

ବାଲେଶ୍ୱର ସଦର ବ୍ଲକ ବଗ୍‌ଦା-ଦୁବୁଲାଗଡ଼ି ନିକଟ ସମୁଦ୍ର ବେଳାଭୂମିରେ ମଙ୍ଗଳବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସରପଞ୍ଚ ଶୈଳଭାମା ଜେନା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଚିତ୍ରଶିଳ୍ପୀ କେଶବ ଚନ୍ଦ୍ର ଦାସ, ସମ୍ମାନୀତ ଅତିଥି ସରପଞ୍ଚ ରଶ୍ମିତା ମଣ୍ଡଳ, ସମାଜସେବୀ ବିଜୟାନନ୍ଦ ସ୍ୱାଇଁ, ଜୟଦେବ ସାହୁ, ଶ୍ରୀକୃଷ୍ଣ ଗିରି, ସେକ ଆକବର, ଶିକ୍ଷାବିତ୍‌ ପ୍ରେମଚାନ୍ଦ ପରିଡ଼ା, ନିମାଇଁ ଚାନ୍ଦ ପରିଡ଼ା, ସୁନିଲ ଦାସ ଓ ପରମେଶ୍ୱର ଜେନା ପ୍ରମୁଖ ମଞ୍ଚାସୀନ ହୋଇ ବୋଇତ ବନ୍ଦାଣ ଉତ୍ସବ ସମ୍ପର୍କରେ ଅତୀତର ସ୍ମୃତି ରୋମନ୍ଥନ କରିଥିଲେ। ନୀଳରକ୍ତ କଙ୍କଡ଼ା ସମେତ ନାଲି କଙ୍କଡ଼ା, ସମୁଦ୍ର କଙ୍କଡ଼ା, ଶାମୁକା, ଶିଆଳିଲଟା, ଝାଉଁ ଜଙ୍ଗଲ ଓ ବାଲୁକାଶିଳ୍ପର ଉତ୍କୃଷ୍ଟ ପ୍ରଦର୍ଶନୀ ସମସ୍ତ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ପ୍ରଦର୍ଶନୀରେ ଯୁବ ବାଲୁକାଶିଳ୍ପୀ ଗୋବିନ୍ଦ ମାନ୍ନା ଓ ଭାସ୍କର ପ୍ରଧାନ ଯୋଗଦେଇ ବେଳାଭୂମିରେ ଆକର୍ଷଣୀୟ ବାଲୁକା କଳା ତିଆରି କରିଥିଲେ। ନୀଳରକ୍ତ କଙ୍କଡ଼ା ଭଳି ଏକ ବିରଳ ପ୍ରଜାତିର ସାମୁଦ୍ରିକ ସଂରକ୍ଷଣ ଓ ସୁରକ୍ଷା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଉଭୟ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ହଳଦୀପଦା, ନୀଳଗିରି, ବାରିପଦା, ବୈଶିଙ୍ଗା ଓ ବେତନଟୀ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ପବିତ୍ର ରାସପୂର୍ଣ୍ଣିମା ଅବସରରେ ସମୁଦ୍ରରେ ବୋଇତ ଭସାଇ ପୁଣ୍ୟ ଅର୍ଜନ କରିଥିଲେ।

# ସିମୁଳିଆ, ଖଇରା ଅଞ୍ଚଳରେ ବ୍ୟାପକ କ୍ଷତି

ଖଇରା, ୧୨।୧୧(ଡି.ଏନ୍‌.ଏ.)

## ତହସିଲ ଅଫିସ ଅଚଳ କରାଇବାକୁ ଚେତାବନୀ

ବାଲେଶ୍ୱର ଜିଲା ଅଧୀନ ସିମୁଳିଆ ନିର୍ବାଚନୀମଣ୍ଡଳୀ ଅଧୀନ ସିମୁଳିଆ ଓ ଖଇରା ବ୍ଲକରେ ବୁଲ୍‌ବୁଲ୍‌ ବାତ୍ୟା ବ୍ୟାପକ କ୍ଷତି ଘଟାଇଛି । ୯୫ଭାଗ ଚାଷ ନଷ୍ଟ ହୋଇଛି। ରାଜସ୍ୱ କମିଶନର ରବିବାର ଭଦ୍ରକ ଜିଲାର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିବାବେଳେ ଅଧିକ କ୍ଷତି ହୋଇଥିବା ଖଇରା ସିମୁଳିଆ ବ୍ଲକକୁ ପରିଦର୍ଶନ ପାଇଁ ଆସିଲେନି । ଏଭଳି ଘଟଣା ସିମୁଳିଆ ଖଇରା ଅଞ୍ଚଳ ଚାଷୀଙ୍କୁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି । ସ୍ଥାନୀୟ ରାଜସ୍ୱ କିମ୍ବା କୃଷି ଅଧିକାରୀ ମଧ୍ୟ କ୍ଷୟକ୍ଷତି ଆକଳନ ପାଇଁ ଏ ପର୍ଯ୍ୟନ୍ତ ଜମିକୁ ଯାଇନାହାନ୍ତି। ତୁରନ୍ତ ଅଧିକାରୀମାନେ ଚାଷୀଙ୍କୁ ନ୍ୟାୟ ପ୍ରଦାନ ନ କଲେ ନିର୍ବାଚନ ମଣ୍ଡଳୀର ୫୯ ପଞ୍ଚାୟତର ଚାଷୀ ଓ ଭାଜପା କର୍ମୀଙ୍କୁ ନେଇ ତହସିଲ ଏବଂ କୃଷି ଅଫିସକୁ ଅଚଳ କରିବ ବୋଲି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ପଦ୍ମଲୋଚନ ପଣ୍ଡା ଚେତାବନୀ ଦେଇଛନ୍ତି । ସୋମବାର ଖଇରା ଦଳୀୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏଭଳି ଚରମବାଣୀ ଶୁଣାଇଛନ୍ତି। ଏଥିସହ ଚାଷୀଙ୍କ ସମସ୍ତ କୃଷିଋଣ ଛାଡ଼, ବୀମା ଅର୍ଥ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଉପଜିଲାପାଳ ନୀଲୁ ମହାପାତ୍ରଙ୍କ ନିକଟରେ ଦାବି କରିଛନ୍ତି । ଏହାଛଡ଼ା କେନ୍ଦ୍ରରୁ ସହାୟତା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଛନ୍ତି ବୋଲି କହିଛନ୍ତି। ପ୍ରାକ୍ତନ ମନ୍ତ୍ରୀ ପଣ୍ଡାଙ୍କ ସହ ନୂତନ ଭାବେ ମନୋନୀତ ହୋଇଥିବା ୭ ଜୋନର ସଭାପତି ଗଜେନ୍ଦ୍ର ପ୍ରସାଦ ଦାସ, ରାଜେଶ କୁମାର ରାଉତ, ପରୀକ୍ଷିତ ମହାପାତ୍ର, ମଧୁସୂଦନ ଜେନା, ରାଧାରମଣ ପଟ୍ଟନାୟକ, ପ୍ରଦୀପ କୁମାର ରାୟ, ରମେଶ ଚନ୍ଦ୍ର ସାହୁ, ପ୍ରବକ୍ତା ନିରଞ୍ଜନ ବେହେରା, ପତିତପାବନ କର ଓ ଶଙ୍କର୍ଷଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଖଇରା ତହସିଲଦାରଙ୍କୁ ଯୋଗାଯୋଗ କରିବାରେ କୃଷି ଅଧିକାରୀ, ଗ୍ରାମସେବକ, ରାଜସ୍ୱ ନିରୀକ୍ଷକମାନଙ୍କୁ ନେଇ ଟିମ୍‌ ଗଠନ କରାଯାଇଛି । ଖୁବ୍‌ଶୀଘ୍ର ସେମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ରିପୋର୍ଟ ଦେବେ ବୋଲି କହିଛନ୍ତି।


ଖବରଦାତା ସମ୍ମିଳନୀରେ ଜୋନ ସଭାପତିଙ୍କ ସହ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା।

### ପାକମୁଣ୍ଡିରେ ଜଗନ୍ନାଥଙ୍କ ସୁନାବେଶ ଓ ପ୍ରବଚନ

ବାଲିଆପାଳ, ୧୨।୧୧(ସ୍ୱ.ପ୍ର.)-କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବାଲିଆପାଳ ବ୍ଲକ ପାକମୁଣ୍ଡି ଗ୍ରାମର ଶ୍ରୀ ଶ୍ରୀ ଜଗନ୍ନାଥ ଚେତନା ଓ ସଂସ୍କୃତି ପରିଷଦ ପକ୍ଷରୁ ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଜଗନ୍ନାଥଙ୍କର ସୁନାବେଶ ଓ ପ୍ରବଚନ କାର୍ଯ୍ୟକ୍ରମ ଗତ ୮ ତାରିଖରୁ ଆରମ୍ଭ ହୋଇଛି । ସେଠାରେ ସୁସଜ୍ଜିତ ମଣ୍ଡପରେ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ସୁନାବେଶ ଅନୁଷ୍ଠିତ ହେବା ସହ ଯଥାରୀତି ପୂଜାର୍ଚ୍ଚନା କରାଯାଉଛି। ପ୍ରତ୍ୟେକ ସନ୍ଧ୍ୟାରେ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ, ଭଜନ ସନ୍ଧ୍ୟା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବିଶିଷ୍ଟ ପ୍ରବଚକ ଡ. ସତୀଶ ଚନ୍ଦ୍ର ପଣ୍ଡା, ଗେପାଳ ଚନ୍ଦ୍ର ବେଜ ଜଗନ୍ନାଥ ଚେତନା ଏବଂ ବିଶ୍ୱଶାନ୍ତି ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହେବ। କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ଜଗନ୍ନାଥ ଚେତନା ଓ ସାଂସ୍କୃତିକ ପରିଷଦର କର୍ମକର୍ତ୍ତା ରମାନାଥ କର, ହରେକୃଷ୍ଣ ଦାସ, ପୁରୁଷୋତ୍ତମ ପାତ୍ର, ଅଜୟ କରଣ, ଚନ୍ଦନ ପାତ୍ର, ବଳରାମ ମଣ୍ଡଳ, ସରୋଜ କର, ଅଜୟ ପିଳା, ଅଜିତ କରଣ, ମନୋରଞ୍ଜନ ପ୍ରଧାନ ଓ ବିଭୂତି କରଣ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

■ଆରମ୍ଭ ହେଲା ବ୍ୟାସକବି ପୁସ୍ତକ ମହୋତ୍ସବ

# 'ପାଠକଙ୍କ ରୁଚି ସାହିତ୍ୟକୁ ପ୍ରଭାବିତ କରିଥାଏ'

ବାଲେଶ୍ୱର ଅଫିସ, ୧୨।୧୧

ବାଲେଶ୍ୱରର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ 'ନୂତନ ସୃଷ୍ଟି' ପକ୍ଷରୁ ବ୍ୟାସକବି ପୁସ୍ତକ ମହୋତ୍ସବ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଖବରଦାତା ଗୌତମବୁଦ୍ଧ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ ଓଡ଼ିଆ ସାହିତ୍ୟରେ ସାରସ୍ୱତ ସାଧକଙ୍କ କୃତି ଓ ପାଠକୀୟ ରୁଚି ସମ୍ପର୍କରେ ଆଲୋଚନା କରିଥିଲେ। ପାଠକଙ୍କ ରୁଚି ଭାଷା ସାହିତ୍ୟକୁ ପ୍ରଭାବିତ କରିଥାଏ। ତେଣୁ ଲେଖକୀୟ ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ ପୌରୋହିତ୍ୟ କରିଥିବା ବେଳେ ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲି ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବୃନ୍ଦାବନପୁର ଶାସନ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବେଦପାଠ କରିଥିଲେ। ଶିକ୍ଷାବିତ୍‌ ଗୌରୀ ପ୍ରସାଦ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ପାଠକଙ୍କ ସଂଖ୍ୟା ହ୍ରାସକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ଦେବାଶିଷ ମହାନ୍ତି, ସୁରେନ୍ଦ୍ର ବେହେରା, ଅର୍ଜୁନ କମିଳା, କ୍ଷୀରୋଦ କୁମାର ବାରିକ, ଅଶୋକ ପଣ୍ଡା, ବିଚିତ୍ରାନନ୍ଦ ଦାସ, ବାସନ୍ତୀ ସାମଲ ପ୍ରମୁଖ ଯୋଗଦେଇ ଲେଖକୀୟ ଅଭିଜ୍ଞତା ଓ ଜିଜ୍ଞାସା ଭାବ ବୃଦ୍ଧି ସହିତ ପାଠକଙ୍କ ରୁଚିକୁ ଗୁରୁତ୍ୱ ଦେବା ଉଚିତ୍‌ ବୋଲି କହିଥିଲେ। ୧୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଅପରାହ୍ଣରୁ ରାତି ୯ଟା ସମୟ ମଧ୍ୟରେ ପୁସ୍ତକ ମେଳା ଖୋଲା ରହିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ପୁସ୍ତକ ମହୋତ୍ସବରେ ରାଜ୍ୟ ବହୁ ପ୍ରତିଷ୍ଠିତ ପ୍ରକାଶକ, ବିତରକ ଓ ବିକ୍ରେତାଙ୍କ ପକ୍ଷରୁ ଶତାଧିକ ଷ୍ଟଲ ଖୋଲା ଯାଇଛି।


ଚାନ୍ଦବାଲିରୁ ଧାମରା ଜଳଯାତ୍ରା ପାଇଁ ସାଧବ ପୁଅମାନେ ବାହାରିଛନ୍ତି।


ଆରଡ଼ି: ବୋଇତରେ ସାତ ସାଧବାଣୀ ଓ ସାଧବ ପୁଅ।


ବାସୁଦେବପୁର ଗମେଇ ନଦୀଘାଟରେ ଜଳଯାତ୍ରାରେ ବାହାରିଥିବା ସାଧବପୁଅ।

# ଆକର୍ଷଣ ସାଜିଲା ବୋଇତ ବନ୍ଦାଣ, ଜଳଯାତ୍ରା

## ନୌବାଣିଜ୍ୟ ସ୍ମୃତିରେ ବିଭୋର ଚାନ୍ଦବାଲି, ଧାମରା

**ଚାନ୍ଦବାଲି,୧୨।୧୧(ଡି.ଏନ.ଏ.)**

ସୁଦୂର ଅତୀତର ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ମଙ୍ଗଳବାର ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହେବା ଯୋଗୁ ପରିବେଶ ଉତ୍ସବମୁଖର ହୋଇଉଠିଛି। ପ୍ରାଚୀନ ବନ୍ଦର ନଗରୀ ଚାନ୍ଦବାଲି ସମେତ ଧାମରାରେ ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବର ଆକର୍ଷଣ ନିଆରା। ଚାନ୍ଦବାଲିର 'ଆମ ପରମ୍ପରା' ସଙ୍ଗଠନ ପକ୍ଷରୁ ୭ ଜଣ ସାଧବ ଶନିବାର ସକାଳେ ନିଜର ପ୍ରତୀକ ବ୍ୟବସାୟିକ ସାମଗ୍ରୀ ନେଇ ବୋଇତରେ ଚାନ୍ଦବାଲିରୁ ଧାମରାକୁ ପ୍ରାୟ ୨୫ କି.ମି. ଜଳଯାତ୍ରା କରିଥିଲେ। ସାଧବପୁଅ ବେଶରେ ସେମାନେ ସଜ୍ଜିତ ହେବା ଏବଂ ପାରମ୍ପରିକ ରୀତିରେ ସେମାନଙ୍କୁ ବନ୍ଦାପନା କରାଯିବା ଭାବପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଥିଲା। ସେମାନେ ଧାମରାରେ ପହଞ୍ଚିବା ପରେ 'ଧାମରା–ଚାନ୍ଦବାଲି ବୋଇତ ବନ୍ଦାଣ କମିଟି' ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।

ବୋଇତ ବନ୍ଦାଣ ଉପଲକ୍ଷେ ସ୍ଥାନୀୟ ଗଙ୍ଗାମାତା ପଡିଆରେ ବଳଭଦ୍ର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏଥିରେ ଯୋଗଦେଇ ଧାମରାରେ ବନ୍ଦର ଭିତ୍ତିକ ଶିଳ୍ପ ଗଢି ଉଠିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିରଞ୍ଜନ ପାଣିଗ୍ରାହୀ, ସଂଗ୍ରାମ ଆଚାର୍ଯ୍ୟ, ବିଧାୟକ ବ୍ୟୋମକେଶ ରାୟ, ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ବିଦ୍ୟୁତ୍ ଲତା ନାୟକ, ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତି ଚାରଣ କରିଥିଲେ।

ସାମୁଦ୍ରିକ ଝଡ଼ ବୁଲ୍‌ବୁଲ୍ ପ୍ରଭାବରେ ଧାମରା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ମା' ଧାମରାଇ ଆଞ୍ଚଳିକ ବୋଇତ ବନ୍ଦାଣ କମିଟି ଚଳିତ ବର୍ଷ ପାଇଁ ଧାମରାରେ ପାଳିତ ହେବାକୁ ଥିବା ବୋଇତ ବନ୍ଦାଣ ଉତ୍ସବକୁ ସ୍ଥଗିତ ରଖିଛି। ତେବେ ମା' ଧାମରାଇ ସାର୍ବଜନୀନ ବୋଇତ ବନ୍ଦାଣ ଉତ୍ସବ କମିଟି ପକ୍ଷରୁ ଧାମରାରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଥିଲା। ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପାଳିତ ଏହି ଉତ୍ସବରେ ଏମପି ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟର ବିକାଶ ପାଇଁ ଉଦ୍ୟୋଗୀକରଣ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ରାଜସ୍ୱମନ୍ତ୍ରୀ ମନମୋହନ ସାମଲ, ବିଧାୟକ ବିଷ୍ଣୁ ସେଠୀ, ବଦ୍ରି ନାରାୟଣ ଧଳ, ମାଧବାନନ୍ଦ ମଲ୍ଲିକ, ପ୍ରତାପ ଧଳ, କାହ୍ନୁ ବେହେରା, ପ୍ରମୋଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। 'ଚାନ୍ଦବାଲି ସାଂସ୍କୃତିକ ପରିଷଦ' ଆନୁକୂଲ୍ୟରେ ନିକଟସ୍ଥ ବୈତରଣୀ ନଦୀ ଘାଟରେ ବୋଇତ ବନ୍ଦାଣ ଉତ୍ସବ ସକାଳେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଶାନ୍ତନୁ ମହାନ୍ତି,ସାହିତ୍ୟିକ ପ୍ରଫୁଲ୍ଲ ଦାସ,ଏସ୍ଏନ୍ କଲେଜର ଅଧ୍ୟକ୍ଷ ପ୍ରଫେସର ବୈକୁଣ୍ଠ ନାଥ ପରିଡା, କବି କମଳାକାନ୍ତ ମହାନ୍ତି, ଚିନ୍ତାମଣି ମହାରଣା, ଅମୂଲ୍ୟ ରାଉତ, ଶିଶିର ଦାସ, ଦୀପ୍ତିମୟୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଚୀନ ବନ୍ଦର ନଗରୀ ଚାନ୍ଦବାଲି ଏକଦା ପ୍ରବେଶ ପଥ ଭାବେ ପରିଚିତ ଥିଲା। ଏଠାରୁ ଜଳପଥ ଦେଇ ଓଡ଼ିଆ ସାଧବ ପୁଅ ଜାଭାସୁମାତ୍ରା ଆଦି ଅଞ୍ଚଳକୁ ଯାଇ ବଣିଜ କରି ଓଡ଼ିଆ ଜାତିର କଳା ସଂସ୍କୃତିର ପ୍ରଚାର କରିବା ସହ ଏମାଟିକୁ ବିତ୍ତଶାଳୀ କରିଥିଲେ। ଦୀର୍ଘଦିନ ଧରି ବନ୍ଦର ବନ୍ଦ ହୋଇଯାଇଥିଲେ ବି ଅତୀତର ସ୍ମୃତିକୁ ନେଇ ଆୟୋଜିତ ହେଉଥିବା ଉତ୍ସବ ଅଞ୍ଚଳବାସୀଙ୍କ ଲାଗି ଭିନ୍ନ ଆକର୍ଷଣ ପାଲଟିଛି।

## ସାଧବ ପୁଅଙ୍କୁ ସମ୍ବର୍ଦ୍ଧନା

**ବାସୁଦେବପୁର, ୧୨।୧୧(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁରରେ ଚୂଡାମଣି ଦେଇ ପ୍ରବାହିତ ଗମେଇ ନଦୀ ଘାଟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସାଗର ସାଥି ବୋଇତ ବନ୍ଧାଣ ସାଂସ୍କୃତିକ ପରିଷଦ, ଚୂଡାମଣି ଓ ସାଗର ଗଙ୍ଗା ବୋଇତ ବନ୍ଧାଣ କମିଟି, ନୂଆଗାଁ, ଓ ଅଡୁଁଆ ପକ୍ଷରୁ ପୃଥକ୍ ପୃଥକ୍ ଭାବରେ ବୋଇତ ବନ୍ଧାଣ ଉତ୍ସବ ପାଳନ କରାଯାଇଥିଲା। ସାଗର ସାଥି ବୋଇତ ବନ୍ଧାଣ ସାଂସ୍କୃତିକ ପରିଷଦ ପକ୍ଷରୁ ୩ ଶହରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ଓ ପରିଷଦ କର୍ମକର୍ତ୍ତା ସକାଳେ ଶାଶୁଭୁଆଶୁଣୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ସେଠାରେ ୭ ସାଧବପୁଅଙ୍କୁ ସ୍ୱାଗତ ଜଣାଇଥିଲେ। ୭ ସାଧବ ଭାବରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବିଶ୍ୱାଳ, ସମିତିସଭ୍ୟ ରତିକାନ୍ତ ବିଶ୍ୱାଳ, ସୁବଳ କୁମାର ପଲେଇ, ଉମାକାନ୍ତ ରଣା, ସୁମନ୍ତ କୁମାର ନାୟକ, ପଦ୍ମଲୋଚନ ଦାସ ପ୍ରମୁଖ ସଜ୍ଜିତ ହୋଇ ଶାଶୁଭୁଆଶୁଣୀ ଦେବୀଙ୍କ ଆଶୀର୍ବାଦ ନେଇ ଶୋଭାଯାତ୍ରାରେ ଘାଟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ ସୁସଜ୍ଜିତ ବୋଟରେ ସମୁଦ୍ରକୁ ଜଳଯାତ୍ରା କରିଥିଲେ। ସେଠାରୁ ଫେରିବା ପରେ ମଧ୍ୟାହ୍ନରେ ଏହି ସାଧବପୁଅଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନର ସଭାପତି ଶଶିକାନ୍ତ ନାୟକ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ନୀଳକଣ୍ଠ ମଲିକ ବିବରଣୀ ପାଠ କରିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହକ ଜୟକୃଷ୍ଣ ମଲିକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପାରମ୍ପରିକ ଘୋଡ଼ାନାଚ ପରିବେଷଣ କରାଯାଇଥିଲା। ସେହିପରି ଅଡୁଁଆ ଘାଟରେ ସାଗରଗଙ୍ଗା ବୋଇତ ବନ୍ଧାଣ ଉତ୍ସବରେ ପଞ୍ଚାନନ ମଲିକ, ନରେନ୍ଦ୍ର ମଲିକ, ରମେଶ ତରାଇ ପ୍ରମୁଖ ସୁସଜ୍ଜିତ ହୋଇ ଜଳଯାତ୍ରା କରିଥିଲେ। ଏହି ଉତ୍ସବରେ ସକାଳେ ଅତିଥି ଭାବରେ ଅଡୁଁଆ ପଞ୍ଚାୟତ ସରପଞ୍ଚ ଗିରୀଶ ଚନ୍ଦ୍ର ସାମଲ ଏବଂ ଅବସରପ୍ରାପ୍ତ ପ୍ରଶାସକ ନିରାକର ପରିଡ଼ା ଯୋଗ ଦେଇଥିଲେ।

## ବୈତରଣୀରେ ବୋଇତ ଯାତ୍ରା

**ଆରଡି, ୧୨।୧୧, (ଡି.ଏନ.ଏ.):** ଭଦ୍ରକ ଜିଲାର ଧାମନଗର ଓ ଚାନ୍ଦବାଲି ବ୍ଲକ ସୀମାବର୍ତ୍ତୀ ସ୍ଥାନରେ ଥିବା ରଘୁବର ଦାସ ମଠରେ ସାହୁସାହି ଓ ସୁନ୍ଦରପୁର ଗ୍ରାମବାସୀଙ୍କ ଉଦ୍ୟମରେ ଏଥର ପ୍ରଥମଥର ଲାଗି ବାଲିଯାତ୍ରା ଆୟୋଜନ କରାଯାଇଥିଲା। ଧାମନଗର ବ୍ଲକ ଚେୟାରମ୍ୟାନ ଅଶୋକ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ସାତ ସାଧବାଣୀ ବନ୍ଦାପନା କରି ସାଧବପୁଅଙ୍କୁ ମେଲାଣି ଦେଇଥିଲେ। ଏହି ୭ ସାଧବ ବୈତରଣୀ ନଦୀରେ ବୋଇତ ସାହାଯ୍ୟରେ ପ୍ରଥମେ ଦୋହରାପାଟଣା ପର୍ଯ୍ୟନ୍ତଯାତ୍ରା କରି ପରେ ସେଠାରୁ ସାଆଁଳପୁର ପର୍ଯ୍ୟନ୍ତ ଯାଇଥିଲେ। ପ୍ରଥମଥର ପାଇଁ ସାହୁସାହିର ନିମାଇ ଚରଣ ସାହୁ, ରବୀନ୍ଦ୍ର ସାହୁ, ମନୋଜ ସାହୁ, ସନ୍ଦୀପ ସାହୁ, ଗୌରାଙ୍ଗ ସାହୁ, ସୁନ୍ଦରପୁରର ଅଶୋକ ନାୟକ ଓ ଦୁର୍ଯୋଧନ ସାହୁ ସାଧବ ପୁଅ ସାଜିଥିଲେ। ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ବଜାୟ ରଖିବା ପାଇଁ ଏହା ଏକ ଅନନ୍ୟ ପ୍ରୟାସ ବୋଲି ବାଲିଯାତ୍ରା କମିଟିର ସଦସ୍ୟ ପ୍ରଭଞ୍ଜନ ସାହୁ, ସିଦ୍ଧାର୍ଥ ନାୟକ, ଶ୍ୱେତାମ୍ବର ସାହୁ, ଅନିଲ କୁମାର ଦାସ ଓ ଭବରଞ୍ଜନ ମହାନ୍ତି କହିଛନ୍ତି।

## ଗାଁ ପୋଖରୀରେ ଭାସିଲା ବୋଇତ

**ବନ୍ତ, ୧୨।୧୧(ସ୍ୱ.ପ୍ର.):** ରାସ ପୂର୍ଣ୍ଣିମା ପାଳନ ଅବସରରେ ମଙ୍ଗଳବାର ଭୋରରୁ ଗାଁ ରୁ ସହର ସବୁଠି ଆ–କା–ମା–ଭୈ ସ୍ୱରରେ ପ୍ରକମ୍ପିତ ହୋଇଉଠିଥିଲା। ବନ୍ତ ବ୍ଲକର ବିଭିନ୍ନ ଗ୍ରାମରେ ନଦୀ ଓ ପୋଖରୀରେ ଲୋକେ ରଙ୍ଗ ବେରଙ୍ଗର ବୋଇତ ଓ ସୋଲ ତିଆରି ଡଙ୍ଗା ଭସାଇ ନୌବାଣିଜ୍ୟର ପୁରୁଣା ସ୍ମୃତିକୁ ମନେ ପକାଇ ମନ୍ଦିରରେ ଦିଅଁ ଦର୍ଶନ କରିଥିଲେ। ଆଡିଆ ଦାସସାହି ପୋଖରୀରେ ଗାଁର ଯୁବକମାନଙ୍କ ଦ୍ୱାରା ନିର୍ମିତ ବୋଇତ ଆକର୍ଷଣୀୟ ଥିଲା। ଗାଁ ପୋଖରୀ ଚତୁଃପାର୍ଶ୍ୱକୁ ରଙ୍ଗିନ୍ ଆଲୋକମାଳାରେ ସୁସଜ୍ଜିତ କରି ବୋଇତ ବନ୍ଦାଣ କରାଯାଇଥିଲା। ଆଡିଆସ୍ଥିତ ଆରଡେଶ୍ୱର ଶୈବ ପୀଠରେ ସୋମବାର ସନ୍ଧ୍ୟାରୁ ରାତି ତମାମ ଭଜନ କୀର୍ତ୍ତନ ଚାଲିଥିଲା। ସକାଳୁ ଦିଅଁ ଦର୍ଶନ ପାଇଁ ସେଠାରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଥିଲା। ଆଗରପଡ଼ା ମାଧବଜୀଉ ମନ୍ଦିରରେ ଅନୁରୂପ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା।


ଦାସସାହି ପୋଖରୀରେ ବୋଇତ।

## ବସନ୍ତିଆରେ ପ୍ରସିଦ୍ଧ ବୋଇତ ବନ୍ଦାଣ ଉତ୍ସବ

**ବନ୍ତ,୧୨।୧୧(ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ବସନ୍ତିଆଠାରେ ପ୍ରସିଦ୍ଧ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବଜାର ନିକଟସ୍ଥ ପୁଷ୍କରିଣୀର ଉତ୍ତର ପାର୍ଶ୍ୱରେ ଫ୍ରେଣ୍ଡସ ୟୁଥ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ବନ୍ତ ଥାନାଧିକାରୀ ମିନା ବିନ୍ଧାଣୀ ଅତିଥି ଭାବେ ଯୋଗଦେଇ ବୋଇତ ଭସାଣିର ଶୁଭାରମ୍ଭ କରିଥିଲେ। କ୍ଲବର ଉପଦେଷ୍ଟା ପ୍ରଦୀପ କୁମାର ପଣ୍ଡା, ବସନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସଭାପତି କ୍ଷୀରୋଦ ରାଉଳ, ସମ୍ପାଦକ ମୁକ୍ତିକାନ୍ତ ପଣ୍ଡା, ରଜତ ମୈକାପ ପ୍ରମୁଖ ସହଯୋଗ କରିଥିଲେ। ପ୍ରାରମ୍ଭରେ ରାଧାକୃଷ୍ଣଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କ ପୂଜା ନିମନ୍ତେ କଳସ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପାର୍ଶ୍ୱ ବାଲୁଆଳି ନିର୍ମାଣ ସହ ଆକର୍ଷଣୀୟ ତୋରଣ କରାଯାଇ ବଜାର ଅଞ୍ଚଳକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଏହି ଉତ୍ସବ ୭ ଦିନ ଧରି ଚାଲିବ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପୁଷ୍କରିଣୀର ଦକ୍ଷିଣ ପାର୍ଶ୍ୱରେ ମା' ମଙ୍ଗଳା ୟୁଥ୍ କ୍ଲବ ଆନୁକୂଲ୍ୟରେ ବୋଇତ ବନ୍ଦାଣ ଓ ରାସ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଥିଲା। ନିଳୋକସ୍ଥିତ ମହାଦେବ ପୁଷ୍କରିଣୀ ଠାରେ ରାସ ପୂର୍ଣ୍ଣିମା କମିଟି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଥିଲା। ଅନୁରୂପ ଭୁବନେଶ୍ୱରପୁର ଶାସନ, ବନ୍ତ ପୁରୁଣା ବଜାର, ବେଗନା, ଟିଲୋ ଗ୍ରେନଗୋଲାସ୍ଥିତ ବୁଢି ପୋଖରୀଆଡି ଓ ବଉଳସାହିସ୍ଥିତ ସିଦ୍ଧେଶ୍ୱର ମନ୍ଦିରଠାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ପଞ୍ଚୁକ ପାଇଁ ମଠ ମନ୍ଦିର ଉତ୍ସବ ମୁଖର

**ଭଣ୍ଡାରିପୋଖରୀ, ୧୨।୧୧(ଡି.ଏନ୍.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ପୁଣ୍ୟତୋୟା ବୈତରଣୀ ନଦୀର ବିଭିନ୍ନ ଘାଟରେ ମଙ୍ଗଳବାର ପ୍ରତ୍ୟୁଷରୁ ହବିଷିଆଳୀ ଓ ହଜାର ହଜାର ଶ୍ରଦ୍ଧାଳଙ୍କ ଭିଡ ଜମିଥିଲା। ସେମାନେ କାର୍ତ୍ତିକ ପୂର୍ଣ୍ଣିମା ଲାଗି ବୁଡ଼ ପକାଇ ବିଭିନ୍ନ ଦେବଦେବୀ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ବ୍ଲକର ମଣିନାଥପୁର, ବାଲିପୋଖରୀ, ରଘୁନାଥପୁର, ଜଗନ୍ନାଥପ୍ରସାଦ, ଆଖୁଆପଦା, ଝୁଟଣା, ନେରଡ଼ା, ବନସ୍ଥା, ବଳିପୁର, ବନ୍ଧାଲୋ ଘାଟରେ ଅଧିକ ଭିଡ ହୋଇଥିବା ବେଳେ ନେରଡ଼ାର ମା' ସୁବର୍ଣ୍ଣମୁଖୀ ପୀଠ, ସୋଲାପୁରଠାରେ ଥିବା ଜଗନ୍ନାଥ ମନ୍ଦିର, ରାଜେନ୍ଦ୍ରପୁର ସ୍ଥିତ ଗିରିଗୋବର୍ଦ୍ଧନ ପୀଠ, ଖପୁରିଆପଦାର ମା କାଳିକା ପୀଠ, ସାତଶୋଳାର ଅଖିଳେଶ୍ୱର ମହାଦେବ, ଝୁଟଣାର ମା ତାରିଣୀ ପୀଠ, ଅଗେଇବେରା ଛକରେ ଥିବା ଶିବ, ମଙ୍ଗଳା, ବନଦୁର୍ଗା ଓ ଶନିମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ଅବସରରେ ଭଣ୍ଡାରିପୋଖରୀ ବଜାର ସ୍ଥିତ ଶ୍ରୀରାମ ଦୟା ପରିଷଦ ଆନୁକୂଲ୍ୟରେ ଦର୍ପେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟର ପୂର୍ଣ୍ଣାହୂତି ଦିଆଯାଇଥିଲା।

## ନାବାଳିକା ଗଣବଳାତ୍କାର ମାମଲା ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ

**ଭଦ୍ରକ ଅଫିସ, ୧୨।୧୧:** ଯାତ୍ରା ଦେଖି ଫେରୁଥିବା ବେଳେ ଚାନ୍ଦବାଲି ଅଞ୍ଚଳର ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଥିଲେ। ଏହି ଘଟଣାରେ ସମସ୍ତ ଅଭିଯୁକ୍ତ ଗିରଫ ହୋଇସାରିଛନ୍ତି। ଭଦ୍ରକ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ ଏ ସଂକ୍ରାନ୍ତ ସମ୍ପୂର୍ଣ୍ଣ ତଦନ୍ତ ରିପୋର୍ଟ ପ୍ରଦାନ ନିମନ୍ତେ ଚାନ୍ଦବାଲି ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ଶିଶୁ ମଙ୍ଗଳ ଅଧ୍ୟକ୍ଷ ଡ. ବାରିକ ଅବଗତ କରାଇଥିବା ସୂଚନା ଦିଆଯାଇଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଲେ ସିଡିଏମ୍ଓ

**ଭଣ୍ଡାରିପୋଖରୀ, ୧୨।୧୧(ଡି.ଏନ୍.ଏ.):** ଭଦ୍ରକ ସିଡିଏମ୍ଓ ଡ. ଜଗନ୍ନାଥ ପହୀ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନ କରି ବିଭିନ୍ନ ବିଭାଗର କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଗତ ରବିବାର ସେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି 'ମୋ ସରକାର' କାର୍ଯ୍ୟକ୍ରମ ନିର୍ଦ୍ଦେଶାବଳୀର କାର୍ଯ୍ୟକାରିତା ତନଖି କରିଥିଲେ। ଡାକ୍ତରଖାନାର ପ୍ରସୂତି ବିଭାଗ, ଆଉଟ୍‌ଡୋର ସମେତ ପରିମଳ ବ୍ୟବସ୍ଥା, ରୋଗୀସେବା, ଡାକ୍ତର ଅଭାବ, ଏଏନ୍ଏମ୍, ଆମ୍ବୁଲାନ୍ସ, ଆଉଟ୍‌ଡୋର ଗୃହ ଅବସ୍ଥା ତଦାରଖ କରିଥିଲେ। ଏହାଛଡ଼ା ଚିକିତ୍ସା ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ରୋଗୀ ଶଯ୍ୟା, ଲାବ୍ରୋଟାରୀ, ନିରାମୟ ଔଷଧ ବିତରଣ ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତବେଳେ ସେ ମହାମାରୀ ରୋଗ ବିଶେଷଜ୍ଞ ଡ. କାଶୀନାଥ ପରିଡ଼ାଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ମେଡିକାଲ ଇନଚାର୍ଜ ଡ. କମଳାକାନ୍ତ ସ୍ୱାଇଁ, ଜନସ୍ୱାସ୍ଥ୍ୟ ଅଧିକାରୀ ଅନୀତାରାଣୀ ରାଉତ, ବିପିଏମ୍ ରଶ୍ମିରେଖା ପୃଷ୍ଟି, ଫାର୍ମାସିଷ୍ଟ ପଙ୍କଜ କୁମାର ବେହେରା, ସ୍ୱାସ୍ଥ୍ୟ ସୁପରଭାଇଜର୍ ମନୋରଞ୍ଜନ ରାଉତ, ପ୍ରଦୀପ ନାୟକଙ୍କ ସମେତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି ଓ ବିଧାୟକଙ୍କ ସମେତ ଅନ୍ୟମାନେ।

## ପରିବାର ଓ ପାଠଶାଳା ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭଦ୍ରକ ଅଫିସ, ୧୨।୧୧**

ଶିଶୁମାନଙ୍କ ପ୍ରତିଭାକୁ ବିକଶିତ କରିବାରେ ପରିବାର, ପାଠଶାଳା ଓ ପରିବେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସୋମବାର ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଭଦ୍ରକ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନ ସମାରୋହରେ ଏମପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପ୍ରାଧ୍ୟାପକ କମଳାକାନ୍ତ ଜେନା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସିଏଚ୍ ବିଜୟଲକ୍ଷ୍ମୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ରମାକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ, ମନୋଜ ସାହୁ ସ୍ୱାଗତ ଭାଷଣ ଏବଂ ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ବିଶ୍ୱନାଥ ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିରେଖା ପରମାଣିକ ଧନ୍ୟବାଦ ଅର୍ପଣ କରିଥିଲେ। ୭ ଟି ବ୍ଲକରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସଭାରେ ପ୍ରଧାନଶିକ୍ଷୟିତ୍ରୀ ସିଏଚ୍ ବିଜୟଲକ୍ଷ୍ମୀ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଜିଲା ଶିକ୍ଷକ ପ୍ରଶିକ୍ଷକ ପ୍ରତିଷ୍ଠାନ ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ, ବିଇଓ ଶମ୍ଭୁନାଥ ପାଣିଗ୍ରାହୀ, ସଂଯୋଜକ ଜଳନ୍ଧର ମଣ୍ଡଳ, ବିଇଓ ଉଦୟନାରାୟଣ ଦାସ, ରାଜ୍ୟ ସାଥୀ ନୋଡାଲ ଅଧିକାରୀ ଅଜିତ୍ ମହାନ୍ତି ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ୩୮୩ ବିଦ୍ୟାଳୟକୁ ଗରିମା ସମ୍ମାନ ଶିକ୍ଷା ଉତ୍କର୍ଷ ପାଇଁ ପ୍ରମାଣପତ୍ର ଦିଆଯାଇଥିଲା।

## କ୍ଷୟକ୍ଷତି ଆକଳନ ଲାଗି ପ୍ରଶାସନ ତତ୍ପର

**ବନ୍ତ,୧୨।୧୧(ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକରେ ବାତ୍ୟା ପ୍ରଭାବ ଜନିତ କ୍ଷୟକ୍ଷତି ଆକଳନ କରିବା ଲାଗି ରାଜସ୍ୱ, କୃଷି, ଉଦ୍ୟାନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୋମବାରଠାରୁ ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇଛି। ମଙ୍ଗଳବାର ରାଜସ୍ୱ ନିରୀକ୍ଷକ, ଗ୍ରାମ୍ୟ କୃଷି କର୍ମଚାରୀମାନେ ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ନରସିଂହପୁର, ଗଣିଜାଙ୍ଗ ପଞ୍ଚାୟତକୁ ଯାଇ ଚାଷଜମି ବୁଲି ଦେଖିଥିଲେ। ଅତିରିକ୍ତ ତହସିଲଦାର ବିଜୟ କୁମାର ସେଠୀ ଉପସ୍ଥିତ ରହି ଚାଷୀଙ୍କ ଅଭିଯୋଗ ଶୁଣିବା ସହ କ୍ଷୟକ୍ଷତି ଆକଳନ ତଦାରଖ କରିଥିଲେ।

## ବ୍ୟାଙ୍କରୁ ଲୁଟ୍ ଉଦ୍ୟମ

**ବାସୁଦେବପୁର, ୧୨।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବେତଡ଼ା ବଜାରସ୍ଥିତ କାନାରା ବ୍ୟାଙ୍କରୁ ରବିବାର ରାତିରେ ଲୁଟ୍ ଉଦ୍ୟମ ହୋଇଥିବା ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଚୋରମାନେ ବ୍ୟାଙ୍କର ସାଇଡ୍ ଝରକା ତାଡ଼ି ଭିତରେ ପ୍ରବେଶ କରି ଚୋରି ଉଦ୍ୟମ କରିଥିଲେ ମଧ୍ୟ ଟଙ୍କା କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇ ପାରି ନ ଥିବା ଜଣାପଡ଼ିଛି। ସୋମବାର ବ୍ୟାଙ୍କ ମ୍ୟାନେଜର ନୀଳାମ୍ବର ମାଝୀଙ୍କ ଏନେଇ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

## ଠିକାଦାର ମହାସଂଘ ଶାଖାର ବୈଠକ

**ବାସୁଦେବପୁର,୧୨।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଟାଉନହଲ୍ ପରିସରରେ ସୋମବାର ନିଖିଳ ଓଡ଼ିଶା ଠିକାଦାର ମହାସଂଘର ସ୍ଥାନୀୟ ଶାଖା ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟେଣ୍ଡର ପ୍ରକ୍ରିୟାରୁ ରୟାଲଟି ଟ୍ରାନଜିଟ୍ ଉଚ୍ଛେଦ, ଶ୍ରମିକ ମଜୁରିର ଉଚିତ ନିର୍ଦ୍ଧାରଣ ଏବଂ ଠିକାଦାରଙ୍କୁ ତତ୍‌ସମ୍ପର୍କିତ ପ୍ରାପ୍ୟ ପ୍ରଦାନ ଭଳି ୧୦ ଦଫା ଦାବି ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସରକାର ଏହି ଦାବି ନ ମାନିଲେ ଠିକାଦାରମାନେ ସମସ୍ତ ଟେଣ୍ଡର ପ୍ରକ୍ରିୟାରୁ ଦୂରେଇ ରହିବା ସହିତ ନିର୍ମାଣ କାର୍ଯ୍ୟରେ ଅସହଯୋଗ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ବୈଠକରେ ଠିକାଦାରଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ସଂଘର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ବାସୁଦେବପୁର ଶାଖାର ସଭାପତି ଭାବେ ବିଦ୍ୟାଧର ଘଡ଼େଇ, ଉପସଭାପତି ଶ୍ୟାମସୁନ୍ଦର ମହାନ୍ତି, ସମ୍ପାଦକ ରତିକାନ୍ତ ମଲିକ, ସହସମ୍ପାଦକ ବିଜୟ କୁମାର ନାୟକ, କୋଷାଧ୍ୟକ୍ଷ ଅଭୟ କୁମାର ପୁହାଣ, ଉପଦେଷ୍ଟା ଭାବେ ଭାଗୀରଥି ନାୟକ, ଶୈଳେନ୍ଦ୍ର ନାରାୟଣ ବାରିକ ମନୋନୀତ ହୋଇଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଠିକାଦାର ବୈଠକରେ ଯୋଗ ଦେଇଥିଲେ।

## ୧୫୦ ବର୍ଷରେ ରାହାସ ମେଳା, ଜମୁଛି ଭିଡ଼

**ପଦ୍ମପୁର, ୧୨।୧୧(ଡି.ଏନ୍.ଏ.)**

**ସାହାଡ଼ା ଲାଲାଜୀ ଗୌଡ଼ୀୟ ମଠ**
- ଶ୍ରୀଚୈତନ୍ୟଙ୍କ ସ୍ମୃତି ଏଠି ଆକର୍ଷଣ
- ମିନାବଜାର ସାଙ୍ଗକୁ ମନ ଜିଣୁଛି ପୌରାଣିକ ପାର୍ଶ୍ୱ କଳାକୃତି

ଭଦ୍ରକ ସଦର ବ୍ଲକଠାରୁ ପ୍ରାୟ ୧୬ କି.ମି.ଦୂର ସାହାଡ଼ାଠାରେ ରହିଛି ଦୀର୍ଘ ୩୦୦ ବର୍ଷର ଲାଲାଜୀ ଗୌଡୀୟ ମଠ। ଶ୍ରୀ ଚୈତନ୍ୟଙ୍କର ଶାସ୍ତ୍ରୀୟ ପରମ୍ପରା ଅନୁଯାୟୀ ସେଠାରେ ଥିବା ରାଧାକୃଷ୍ଣଙ୍କର ପୂଜାର୍ଚ୍ଚନା କରାଯାଇ ଆସୁଛି। ଶ୍ରୀ ଚୈତନ୍ୟଙ୍କ ଓଡ଼ିଶା ଗସ୍ତ ସମୟର ସ୍ମୃତିକୁ ଧରି ରଖିଥିବା ଏହି ପୀଠ ଭକ୍ତି ଓ ଆଧ୍ୟାତ୍ମିକ ଚେତନାର ବାର୍ତ୍ତା ବାଣ୍ଟି ଆସୁଛି। ଏଥର ମଙ୍ଗଳବାର ପ୍ରତ୍ୟୁଷରୁ ମଠର ଆରମ୍ଭ ହୋଇଥିବା ଲାଲାଜୀ ରାହାସ ପୂର୍ଣ୍ଣିମା ଉତ୍ସବ ୯ ଦିନ ଧରି ଚାଲିବ। ପ୍ରଥମ ଦିନରେ ସେଠାରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଛି। ପ୍ରାୟ ୧୫୦ ବର୍ଷ ଧରି ପାଳିତ ହୋଇଆସୁଥିବା ଏହି ରାହାସ ମେଳା ଅଞ୍ଚଳବାସୀଙ୍କ ଲାଗି ଆକର୍ଷଣ ସାଜିଛି। ଏଥର ମେଳାରେ ବସିଛି ୨୦୦ ରୁ ଊର୍ଦ୍ଧ୍ୱ ଦୋକାନ। ବିଭିନ୍ନ ଘରୋଇ ଉପକରଣ ସାଙ୍ଗକୁ ମିନାବଜାରର ବିଭିନ୍ନ ବିପଣୀ ଓ ନାନା ଖାଦ୍ୟ ସାମଗ୍ରୀ ବିକ୍ରି ହେଉଛି।


ରାହସ ମେଳାରେ ପାର୍ଶ୍ୱମୂର୍ତ୍ତି।

ମେଳାରେ ଅଧିକ ଆକର୍ଷଣ ରହିଛି ପାର୍ଶ୍ୱ ଉପଲକ୍ଷେ ରାଧାକୃଷ୍ଣଙ୍କର ମୃଣ୍ମୟ ପ୍ରତିମୂର୍ତ୍ତି ନିର୍ମାଣ ସହ, ମହାଦେବ ଛଦ୍ମବେଶରେ ଶ୍ରୀକୃଷ୍ଣଙ୍କ ବାଲ୍ୟରୂପ ଦର୍ଶନ କରିବା, ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା କାଜୀ ଉଦ୍ଧାର, ଇନ୍ଦ୍ରଙ୍କର ସୁରଭି ଗାଈ ଦ୍ୱାରା ଶ୍ରୀକୃଷ୍ଣଙ୍କ ଅଭିଷେକ, ଶ୍ରୀକୃଷ୍ଣଙ୍କର ମାଖନ ଚୋରି, ଜରାସନ୍ଧ ଯୁଦ୍ଧ, ଜାମଳାର୍ଜୁନ ଦର୍ଶନ, ବଂଶୀବଟରେ ମହାସଭା, ସମ୍ବରାଶୁର ସହ ଶ୍ରୀକୃଷ୍ଣଙ୍କ ଯୁଦ୍ଧ, ଓ ରାସ ଲୀଳା ଆଦି ପୌରାଣିକ କଥାବସ୍ତୁକୁ ନେଇ ସୁନ୍ଦର ପାର୍ଶ୍ୱମୂର୍ତ୍ତି ଦର୍ଶକଙ୍କ ମନ ମୋହୁଛି। ମଠ ପରିସରରେ ଥିବା ପୋଖରୀ ପାର୍ଶ୍ୱରେ ପଡିଥିବା ମେଳା, ଆକର୍ଷଣୀୟ ତୋରଣ ଓ ଆଲୋକ ସାଜସଜ୍ଜା ସମଗ୍ର ପରିସରକୁ ଉତ୍ସବମୁଖର କରିଛି। ମଙ୍ଗଳବାର ସନ୍ଧ୍ୟାରୁ ରାତିଯାଏ ଏଠି ଭକ୍ତଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି।

# ଦରମା ଦାବିରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

## ପୌର କର୍ମଚାରୀ ଅଟକ


ପୌର କର୍ମଚାରୀଙ୍କୁ ଘେରିଛନ୍ତି ସଫେଇ କର୍ମଚାରୀ ।

ବାରିପଦା ଅଫିସ,୧୨।୧୧

ବାରିପଦା ପୌର ପରିଷଦରେ ନିର୍ବାଚିତ ବୋର୍ଡର କାର୍ଯ୍ୟକାଳ ଗତ ଫେବୃୟାରୀରୁ ସରିଯାଇଥିବା ବେଳେ ବର୍ତ୍ତମାନ ଏହା ଜିଲା ପ୍ରଶାସନ ଦ୍ୱାରା ପରିଚାଳିତ ହେଉଛି। ତେବେ ଅଧିକାରୀମାନେ ଠିକ୍ ଭାବେ ପୌର ପରିଷଦକୁ ପରିଚାଳନା କରିପାରୁ ନ ଥିବା ବେଳେ ଅଭିଯୋଗ ଶୁଣିବାକୁ ମଧ କେହି ନାହାନ୍ତି। ମଙ୍ଗଳବାର ଏଭଳି ଅଭିଯୋଗ କରିବା

### ବାରିପଦା ପୌର ପରିଷଦ

ସହିତ ଦରମା ଦାବିରେ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସଫେଇ କାର୍ଯ୍ୟ ଦାୟିତ୍ୱରେ ଥିବା ପୌର ପରିଷଦର କର୍ମଚାରୀଙ୍କୁ ଆନ୍ଦୋଳନକାରୀମାନେ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଅପରାହ୍ନ ୩ ଟା ସୁଦ୍ଧା କୌଣସି ସମାଧାନ ନ ହେବାରୁ ଆନ୍ଦୋଳନ ଜାରି ରହିବ ଏବଂ ଦରମା ପାଇବା ପରେ ହିଁ ସଫେଇ କାର୍ଯ୍ୟ ଆରମ୍ଭ କରିବେ ବୋଲି କର୍ମଚାରୀମାନେ କହିଛନ୍ତି।

ସୂଚନା ଅନୁଯାୟୀ, ବାରିପଦା ସହରର ସଫେଇ ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ପୌର କର୍ତ୍ତୃପକ୍ଷ ପ୍ରଦାନ କରିଛନ୍ତି। ଉକ୍ତ ସଂସ୍ଥା ମାସର ପ୍ରଥମ ସପ୍ତାହରେ ସଫେଇ କର୍ମଚାରୀଙ୍କ ଦରମା ପ୍ରଦାନ କରିବା କଥା । ହେଲେ ସଂସ୍ଥା ଦୀର୍ଘ ଦିନ ହେବ ଦରମା ପ୍ରଦାନ କରିନାହିଁ। ଏହାର ପ୍ରତିବାଦରେ ସମସ୍ତ ସଫେଇ କର୍ମଚାରୀ ସଫେଇ କାର୍ଯ୍ୟ ବନ୍ଦ କରି ପୌର ପରିଷଦ ଆଗରେ ଧାରଣାରେ ବସିଥିଲେ। ମଙ୍ଗଳବାର ଛୁଟି ଥିବା ବେଳେ ଏଠାରେ କୌଣସି ବରିଷ୍ଠ ଅଧିକାରୀ ଉପସ୍ଥିତ ନ ଥିଲେ। ଫଳରେ ଏହି କର୍ମଚାରୀମାନେ ପୌର ପରିଷଦର ବରିଷ୍ଠ ଅଧିକାରୀମାନଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। କେହି ଫୋନ ନ ଧରିବାରୁ ପରିସ୍ଥିତି ଜଟିଳ ହୋଇଥିଲା। ପରେ ପୋଲିସ ଆସି ସଫେଇ କର୍ମଚାରୀଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ସେମାନେ ଜିଦରେ ଅଟଳ ରହିଥିଲେ।

ଅନ୍ୟପକ୍ଷେ ସଫେଇ ସଂସ୍ଥା, ପୌର ପରିଷଦ ସହିତ କରିଥିବା ଚୁକ୍ତି ପୂରଣ କରି ନ ଥିବାରୁ ସଫେଇ କାର୍ଯ୍ୟର ବିଲ୍ ହୋଇ ପାରିନାହିଁ। ଫଳରେ ସଫେଇ କର୍ମଚାରୀମାନେ ଦରମା ପାଇ ପାରି ନ ଥିବା ଜଣାପଡିଛି। ସଫେଇ ପାଇଁ ଆବଶ୍ୟକ କର୍ମଚାରୀ ହିସାବରେ କମ୍ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଏହି କାର୍ଯ୍ୟ କରାଯାଉଛି। ଏନେଇ ସଫେଇ କାର୍ଯ୍ୟ ଠିକ ଭାବେ ହୋଇ ପାରୁନାହିଁ। ସଫେଇ କର୍ମଚାରୀଙ୍କ ପାଇଁ ବାୟୋମ୍ୟାଟ୍ରିକ୍ସ ଉପସ୍ଥାନ ବ୍ୟବସ୍ଥା ରହିବା କଥା। ମାତ୍ର ସଂସ୍ଥା ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଚୁକ୍ତି ମୁତାବକ ସଫେଇ କର୍ମଚାରୀମାନେ ସମସ୍ତ ୱାର୍ଡର ଘରକୁ ଘର ଯାଇ ଟ୍ରଲି ଦ୍ୱାରା ୨ ଓଳି ଅଳିଆ ସଂଗ୍ରହ କରିବେ। ଏହା ମଧ ହେଉନାହିଁ। ସେହିପରି ସଫେଇ କାର୍ଯ୍ୟରେ ୧୬ ଟି ଏଲସିଭି ଗାଡି, ୪ ଟି ଟ୍ରାକ୍ଟର ଓ ୫୧ଟି ଠେଲା ଗାଡି ରହିବା ଜରୁରୀ। ମାତ୍ର ସଂସ୍ଥା ନିକଟରେ ଆବଶ୍ୟକ ସଂଖ୍ୟକ ଗାଡି ନ ଥିବାରୁ ସଫେଇ କାର୍ଯ୍ୟରେ ବାଧା ଉପୁଜୁଛି। ସପ୍ତାହର ୭ ଦିନ ଦୁଇ ଓଳି ସଫେଇ କାର୍ଯ୍ୟ କରିବାକୁ ଚୁକ୍ତି ହୋଇଥିବା କେବଳ ରବିବାର ଦିନ ହିଁ କିଛି ସ୍ଥାନରେ ଦୁଇ ଓଳି ସଫେଇ କାର୍ଯ୍ୟ କରାଯାଉଛି। ସେହିପରି ସଂସ୍ଥା ପକ୍ଷରୁ ସଫେଇ କର୍ମଚାରୀମାନଙ୍କୁ ଆନୁସଙ୍ଗିକ ସୁରକ୍ଷା ସାମଗ୍ରୀ ପ୍ରଦାନ କରାଯାଇ ନ ଥିବାରୁ ସେମାନେ ଅସୁରକ୍ଷିତ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଭଳି ବିଭିନ୍ନ ଚୁକ୍ତି ଖିଲାପ କରିଥିବାରୁ ପୌର କର୍ତ୍ତୃପକ୍ଷ ଉକ୍ତ ସଂସ୍ଥାର ବିଲ କରୁ ନାହାନ୍ତି। ଏନେଇ ଜିଲାପାଳ ତୁରନ୍ତ ଦୃଷ୍ଟି ଦେଇ ଚୁକ୍ତି ଖିଲାପ କରିଥିବା ସଂସ୍ଥା ବିରୋଧ କାର୍ଯ୍ୟାନୁଷ୍ଠାନ ନେବା ସହିତ ସଫେଇ କର୍ମଚାରୀମାନଙ୍କୁ ଦରମା ପ୍ରଦାନ କରିବା ପାଇଁ ସେମାନେ ଦାବି କରିଛନ୍ତି ।

## ସଂକ୍ଷେପରେ

### ଛାତ୍ରୀଙ୍କ ଅକାଳ ମୃତ୍ୟୁ

ଖୁଣ୍ଟା,୧୨।୧୧(ଡି.ଏନ୍.ଏ.): ଖୁଣ୍ଟା ବ୍ଲକ ଅଧୀନ ବାହାନଡା ସରକାରୀ ଏସଏସଡି ଉଚ୍ଚ ବାଳିକା ବିଦ୍ୟାଳୟରେ ଅଧ୍ୟୟନରତ ଜନୈକା ଅନ୍ତେବାସୀ ଛାତ୍ରୀଙ୍କ ମଙ୍ଗଳବାର ଅକାଳ ମୃତ୍ୟୁ ଘଟିଛି। ମୃତା ଛାତ୍ରୀ ଜଣକ ହେଲେ ଉକ୍ତ ବ୍ଲକ ଅଧୀନ ବଙ୍ଗରା ପଞ୍ଚାୟତ ଭୂପଡ଼ ଗ୍ରାମର ଖୁଟା ହେମ୍ବ୍ରମଙ୍କ ପାଳିତା ଝିଅ ସୁନିତା ଟୁଡୁ। ସେ ଅନ୍ତେବାସୀ ଭାବେ ଉକ୍ତ ବିଦ୍ୟାଳୟର ଛାତ୍ରୀ ନିବାସରେ ରହି ସପ୍ତମ ଶ୍ରେଣୀରେ ପଢୁଥିଲେ। ପ୍ରଧାନ ଶିକ୍ଷକ ବନମାଳି ପ୍ରଧାନଙ୍କ କହିବା ଅନୁଯାୟୀ, ସୋମବାର ରାତି ପ୍ରାୟ ୩.୩୦ ମି ସମୟରେ ସମ୍ପୃକ୍ତ ଛାତ୍ରୀ ଅସୁସ୍ଥ ହୋଇ ପଡ଼ିବା ସମ୍ପର୍କରେ ଛାତ୍ରୀ ନିବାସ ଦାୟିତ୍ୱରେ ଥିବା କର୍ମଚାରୀଙ୍କଠାରୁ ଖବରପାଇ ତାଙ୍କୁ ଖୁଣ୍ଟା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଭାଗୀୟ ଏଡିଡବ୍ଲ୍ୟୁ ସୁରେଶ ଚନ୍ଦ୍ର ଜିତବାବୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଛାତ୍ରୀଙ୍କ ଅକାଳ ମୃତ୍ୟୁ ଜନିତ ସରକାରୀ ସହାୟତା ପାଇଁ ଯଥା ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଖୁଣ୍ଟା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଥାନାରେ ଏକ ମାମଲା(ନଂ.୧୩୯/୧୯) ରୁଜୁ ହୋଇଛି ।

### ବାତ୍ୟା ପରେ ଚକଡ଼ା ପୋକ ଆତଙ୍କ



କୋଷ୍ଟା,୧୨।୧୧(ଡି.ଏନ୍.ଏ.): ଶୂଳିଆପଦା ବ୍ଲକ ଅଞ୍ଚଳରେ ବୁଲବୁଲ ବାତ୍ୟା ପ୍ରଭାବରେ ବ୍ୟାପକ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ବହୁ ଚାଷୀଙ୍କ ପାଚିଲା ଧାନ ଗଛ ପାଣିରେ ବୁଡ଼ି ରହିଛି। ୧୩ ତାରିଖରେ କ୍ଷୟକ୍ଷତି ରିପୋର୍ଟ ମିଳିବ ବୋଲି ବ୍ଲକ କୃଷି ଅଧିକାରୀ କହିଛନ୍ତି। ତେବେ ବାତ୍ୟା ପରେ ଏବେ କେତେକ ସ୍ଥାନରେ ଧାନ କ୍ଷେତରେ ଚକଡା ପୋକ ଲାଗିଥିବା ଜାଣିବାକୁ ମିଳିଛି। ଏନେଇ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ପ୍ରତିକାର ପାଇଁ ଅନୁରୋଧ କରାଯାଇଛି ।

### ରାସ ପୂର୍ଣ୍ଣିମାରେ ଅନ୍ନବସ୍ତ୍ର ଯଜ୍ଞ

କୋଷ୍ଟା,୧୨।୧୧(ଡି.ଏନ୍.ଏ.): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୂଳିଆପଦା ବ୍ଲକ ଅନ୍ତର୍ଗତ ମହାବିଲା ଗ୍ରାମରେ ରାସ ପୂର୍ଣ୍ଣିମା ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସାମୂହିକ ଅନ୍ନବସ୍ତ୍ର ଦାନ ଯଜ୍ଞର ଆୟୋଜନ କରାଯାଇଥିଲା। ମହୋତ୍ସବ କମିଟିର ସଭାପତି ବିକର୍ତ୍ତନ ନାଏକ, ଉପ ସଭାପତି ଅବସରପ୍ରାପ୍ତ ଏସ.ଆଇ ମୁରଲୀଧର ରାଜ, ସମ୍ପାଦକ ଜୀତେନ୍ଦ୍ର ନାଥ ବାରିକ, ଉପଦେଷ୍ଟା ଅଧାପକ ଶୋଭାକର ଆଚାର୍ଯ୍ୟ, ଜନ୍ମେଜୟ ଦାସ ପ୍ରମୁଖଙ୍କ ସହିତ କମିଟିର ଅନ୍ୟାନ୍ୟ ସଦସ୍ୟଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ରାଜକିଶୋର ଦାସଙ୍କ ସହଧର୍ମିଣୀ ପ୍ରୀତିନନ୍ଦା କାନୁନଗୋ, ନାରାୟଣ ପଟ୍ଟନାୟକ, ଦିବ୍ୟଲୋଚନ ଦାଶ, ନୀଳକଣ୍ଠ ମହାନ୍ତ, ବିଜେପି ନେତା ଛୋଟଲାଲ ମହାନ୍ତ, ୫୩ ନଂ. ଜୋନ ଜିଲା ପରିଷଦ ସଦସ୍ୟ ସୁଧୀର କୁମାର ବେହେରା, ସମାଜସେବୀ ବିଶ୍ୱମ୍ଭର ଦାସ, ସୁଧାଂଶୁ କୁମାର ଦତ୍ତ, ଗୁଣାଧର ଦତ୍ତ, ସତୀଶ ଚନ୍ଦ୍ର ଦତ୍ତ, ବିକାଶ ସାହୁ, ଅରୁଣ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ରହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ।

### ଭୈରବୀ ପୀଠରେ ପୂଜାର୍ଚ୍ଚନା

ଚିତ୍ରଡା,୧୨।୧୧(ଡି.ଏନ୍.ଏ.):ଚିତ୍ରଡା ଅଞ୍ଚଳରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସ୍ଥାନୀୟ ଆରାଧ ଦେବୀ ମା' ଭୈରବୀଙ୍କ ପୀଠରେ ଅଷ୍ଟମ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ମଙ୍ଗଳବାର ମା'ଙ୍କ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ସେହିପରି ବୋଇତ ଭସାଣ ପାଇଁ ଭୋରରୁ ସିଲଦା ନଦୀତଟ, ହଳଦୀପାଳ ରାଜା ବନ୍ଧ, ମୋରଡ଼ାର ପାଞ୍ଚଗଛିଆ ପୋଲ, ଝିଙ୍କିରିଆର ପୋଲ ନିକଟରେ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ।

## ■ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଭଦ୍ରକ ପିଆରଏମ୍ ଦଳ ଚାମ୍ପିୟନ


ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ ।

ବଡ଼ସାହି,୧୨।୧୧(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଭୀମଦା ପଞ୍ଚାୟତର ଚେଙ୍ଗୁଆ-ମଙ୍ଗଳପୁର (ନୂଆହାଟ)ବୀର୍ସାମୁଣ୍ଡା ଖେଳପଡ଼ିଆଠାରେ ଗାନ୍ଧିଜୀ ସ୍ୱେଚ୍ଛାସେବୀ ସଙ୍ଗଠନର ୨୪ତମ ବାର୍ଷିକ ମହାତ୍ମା ଗାନ୍ଧୀ କପ୍ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ପ୍ରତାପ ଚନ୍ଦ୍ର ଗାୟାଙ୍କ ପୌରହିତ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାକୁ ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଦାସ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ । ବାରିପଦା ଶଙ୍ଖାଭଙ୍ଗାର ପିଆରଏମ୍‌ଏମ୍ ଓ ଭଦ୍ରକର ରିର୍ଣ୍ଣେ ଅପ୍ ରାଇଭାଲ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଟ୍ରାଇବ୍ରେକର ଜରିଆରେ ୫-୪ଗୋଲରେ ଭଦ୍ରକ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କର ମହାପାତ୍ର, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଓ ସରପଞ୍ଚ ରୀନା ସିଂ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୧୫ହଜାର ଓ ୧୦ହଜାର ଟଙ୍କା ନଗଦ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ଓଡ଼ିଶା ଫୁଟବଲ ଆସୋସିଏସନର ରେଫରୀ ଖେଳ ପରିଚାଳନା କରିଥିଲେ । ସଂଗଠନର ସମ୍ପାଦକ ନରୋତ୍ତମ ଜେନାଙ୍କ ନେତୃତ୍ୱରେ ବାପି ଭାଇ, ଓକିଲ ଭାଇ ଓ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ ।

# ଜାତୀୟ ରାଜପଥ କାର୍ଯ୍ୟ ବନ୍ଦ କରି ଧାରଣା

## ■କଞ୍ଚାମାଲ ଗାଡ଼ି ଅଟକାଇ ଆରଟିଓଙ୍କ ଜିମା ଦେଲେ ଠିକାଦାର

ବାରିପଦା ଅଫିସ,୧୨।୧୧

ନିଖିଳ ଓଡ଼ିଶା ଠିକାଦାର ମହାସଂଘର ଆହ୍ୱାନ କ୍ରମେ ୧୦ ଦଫା ଦାବିନେଇ ମୟୂରଭଞ୍ଜ ଜିଲା ସରକାରୀ ଠିକାଦାର ସଂଘ ନଭେମ୍ବର ପହିଲାରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ କରିଛନ୍ତି। ରାଜ୍ୟ ସରକାରଙ୍କ ଠିକାଦାର ମାରଣ ନୀତି ପ୍ରତିବାଦରେ ପୂର୍ବ ନିଷ୍ପତ୍ତି ମୁତାବକ ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ମାଇନର ଇରିଗେଶନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ସଂଘ ସଭାପତି ପରେଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲାର ସମସ୍ତ ଠିକାଦାର କାର୍ଯ୍ୟ ବନ୍ଦ କରିଛନ୍ତି। ଧାରଣାସ୍ଥଳ ନିକଟରେ ସୋମବାର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏକ ଜେସିବି ମେଶିନ ଜରିଆରେ ମାଟି ଖୋଳା କାର୍ଯ୍ୟ ଚାଲୁଥିବା ବେଳେ ଠିକାଦାରମାନେ ଏହାକୁ ବିରୋଧ କରିବା ସହିତ କାର୍ଯ୍ୟ ବନ୍ଦ କରିଥିଲେ। ଏକ ଅଣ ଓଡ଼ିଆ ସଂସ୍ଥା ଏହି କାର୍ଯ୍ୟ କରୁଥିବାବେଳେ ଜାତୀୟ ରାଜପଥ କାର୍ଯ୍ୟ କରୁଥିବାରୁ ଏହି ଠିକା ସଂସ୍ଥା ଆନ୍ଦୋଳନରେ ସାମିଲ ହୋଇନାହିଁ। ଏହି ଠିକା ସଂସ୍ଥାର କଞ୍ଚାମାଲ(ଚିପସ୍) ଏକ ଟିପ୍ପର ଗାଡ଼ିକୁ ଠିକାଦାରମାନେ ଦାରୋଗାଡାହି ଗୋଲେଇଠାରେ ଅଟକାଇ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଧିକାରୀଙ୍କ ଜିମାରେ ଦେଇଥିଲେ। ପରେ ବିଭାଗୀୟ ଅଧିକାରୀମାନେ ଗାଡିର କାଗଜପତ୍ର ଯାଞ୍ଚ ବେଳେ ଗାଡିରେ ଅନୁମତି ହିସାବରେ ଅଧିକ କଞ୍ଚାମାଲ ଲୋଡ ଥିବା ଜଣାପଡ଼ିଥିଲା। ଏହି ଗାଡ଼ିଠାରୁ ୩୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଏଆରଟିଓ ମନୋଜ କୁମାର ଟପ୍ପୋ କହିଛନ୍ତି। ସେହିପରି ବାଣିଜ୍ୟକର ବିଭାଗ ପକ୍ଷରୁ ମଧ୍ୟ ଉକ୍ତ ଗାଡିଠାରୁ ୭ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଠିକାଦାର ସଂଘର ସମ୍ପାଦକ ସନ୍ତୋଷ ଖଣ୍ଡେଲୱାଲ, ମୁଖପାତ୍ର ସତ୍ୟରଞ୍ଜନ ପଟ୍ଟନାୟକ, ଉପସଭାପତି ତରୁଣ କୁମାର ମହାନ୍ତି, ସଞ୍ଜୟ ଅଗ୍ରୱାଲ, ସତ୍ୟେନ୍ଦ୍ର ପ୍ରସାଦ, ପ୍ରଦୀପ ପାତ୍ର, ଅଭିଷେକ ବେହେରା, କପିଳ ଖଣ୍ଡେଲୱାଲ, ନାନୁ ମହାକୁଡ଼ ପ୍ରମୁଖଙ୍କ ସମେତ ଅନ୍ୟ ଠିକାଦାରମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। କାର୍ଯ୍ୟ ବନ୍ଦ ଯୋଗୁ ଜୀବିକା ହରାଇଥିବା ଠିକା ସଂସ୍ଥାଗୁଡ଼ିକର ଶ୍ରମିକ ଓ କର୍ମଚାରୀଙ୍କୁ ନେଇ ଆଗକୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଓ କରାଯିବ ବୋଲି ସଂଘ ସଭାପତି ମହାନ୍ତ କହିଛନ୍ତି।

### ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼

ରାଇରଙ୍ଗପୁର,୧୨।୧୧(ଡି.ଏନ୍.ଏ.)

କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ରାଇରଙ୍ଗପୁର ସବ୍ ଡିଭିଜନର ପୁରପଲ୍ଲୀ ଉତ୍ସବମୁଖର ହୋଇପଡ଼ିଛି। ସକାଳୁ ସହରାଞ୍ଚଳସ୍ଥିତ ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ଦେବପୀଠରେ ଶ୍ରଦ୍ଧାଳୁମାନେ ଭିଡ଼ ଲଗାଇଥିଲେ। ସହର ଉପକଣ୍ଠ ଖଡ଼ଖାଇ ନଦୀ ସମେତ ବିଭିନ୍ନ ପୁଷ୍କରିଣୀରେ ଶ୍ରଦ୍ଧାଳୁ ବୁଡ଼ ପକାଇବା ସହିତ ବୋଇତ ଭସାଇଥିଲେ। ଗୋରୁମହିଷାଣି, ବାଦାମପାହାଡ଼,ସୁନ୍ଦରପାଟ, ତରିଂ ସମେତ ଗ୍ରାମାଞ୍ଚଳରେ ମଧ କାର୍ତ୍ତିକ ପୂର୍ଣ୍ଣମୀ ପାଳିତ ହୋଇଯାଇଛି।

### ୩ ଦୋକାନ ପୋଡ଼ିଗଲା

ବାରିପଦା ଅଫିସ,୧୨।୧୧

ବାରିପଦା ସହର ଟ୍ରାଫିକ ଛକ ହୋଟେଲ ଗରମା ଗରମ ସମ୍ମୁଖରେ ଥିବା ୩ଟି ଦୋକାନରେ ନିଆଁ ଲାଗି ଯାଇଛି। ସୋମବାର ରାତି ପ୍ରାୟ ୧୧ଟା ବେଳେ ଏହି ନିଆଁ ଲାଗିଥିବା ଜଣାପଡିଛି। ଖବରପାଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସେଖ ରଫିକ, ତାଜମଲ ଖାନ ଓ ୟାଜିବ ଖାନଙ୍କ ଟେଲର ଦୋକାନ ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ତେବେ କେଉଁ କାରଣରୁ ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇ ନାହିଁ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି


ଜିଲାପାଳ ଏବଂ ଏସ୍‌ପି ଅଭିଯୋଗର ଶୁଣାଣି କରୁଛନ୍ତି।

ରାଇରଙ୍ଗପୁର,୧୨।୧୧(ଡି.ଏନ୍.ଏ.)

ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ସୋମବାର ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଏବଂ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସଙ୍କ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉପଜିଲାପାଳ ଧର୍ମାନନ୍ଦ ବେହେରା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅନନ୍ତ ନାରାୟଣ ସିଂ ଲାଗୁରୀ, ଡା. ଛତିଶ୍ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଭରଦ୍ୱାଜ ରାଇରଙ୍ଗପୁର ସବ୍‌ଡିଭିଜନର ବିଭିନ୍ନ ଗ୍ରାମାଞ୍ଚଳର ମୋଟ ୧୧୮ଟି ଅଭିଯୋଗର ଶୁଣାଣି କରିଥିଲେ। ଏହା ବ୍ୟତୀତ ତିରିଂ ବ୍ଲକ୍ ଅଞ୍ଚଳର ଜଣେ ଅସୁସ୍ଥ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ରେଡ୍‌କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଅନୁଦାନ ଜିଲାପାଳ ପ୍ରଦାନ କରିଥିଲେ। ଏଥିରେ ରାଇରଙ୍ଗପୁର ସବ୍‌ଡିଭିଜନ ଅଧୀନ ବିଭିନ୍ନ ବ୍ଲକ୍‌ର ବିଡିଓ, ତହସିଲଦାରଙ୍କ ସମେତ ଗ୍ରାମ୍ୟ ଜଳ ଯୋଗାଣ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ନେସ୍କୋ, କୃଷି, ଆଇସିଡିଏସ୍ ଅଧିକାରୀଙ୍କ ସମେତ ବିଭିନ୍ନ ପଦାଧିକାରୀ ଓ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନାବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

ବହଳଦା,୧୨।୧୧(ଡି.ଏନ୍.ଏ.)

ପବିତ୍ର କାର୍ତ୍ତିକ ପୂର୍ଣ୍ଣୀମାରେ ମୟୂରଭଞ୍ଜ ଜିଲା ବହଳଦାରେ ପୂଜା ପାଉଥିବା ଆରାଧ ଦେବୀ ମା' କୀଚକେଶ୍ୱରୀଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି । ବଡି ଭୋରରୁ ମା'ଙ୍କ ସ୍ନାନାଦି, ଶୃଙ୍ଗାର ଓ ପାରମ୍ପରିକ ନୀତି କାର୍ଯ୍ୟ ସମାପନ ପରେ ସକାଳ ୭ଟାରୁ ମା'ଙ୍କ ଦୁର୍ଲଭ ସୁନାବେଶ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲାଯାଇଥିଲା । ଜିଲା ତଥା ପଡୋଶୀ ଝାରଖଣ୍ଡ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଲମ୍ବାଧାଡ଼ିରେ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରହିଥିଲା । ପୂଜକ ଆର୍ଯ୍ୟ ଶଙ୍କର ପାଣିଗ୍ରାହୀ ମା'ଙ୍କର ନୀତିକାନ୍ତି,ସୁନାବେଶ ଶୃଙ୍ଗାର କାର୍ଯ୍ୟ ସମ୍ପାଦନା କରିଥିବା ବେଳେ ପଣ୍ଡିତ ଅନୁପ କୁମାର ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ସୁନାବେଶ ଦର୍ଶନ ପାଇଁ ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, ଉପଜିଲାପାଳ ଧର୍ମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନାରେ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଶ୍ରଦ୍ଧାଳୁମାନଙ୍କୁ ଅନ୍ନଭୋଗ ବଣ୍ଟନ କରାଯାଇଥିଲା ।

# ପଡ଼ୋଶୀଙ୍କ ଘରେ ନିଆଁ ଲଗାଇ ଯୁବକ ଗିରଫ

ରାଇରଙ୍ଗପୁର,୧୨।୧୧(ଡି.ଏନ୍.ଏ.)

ରାଇରଙ୍ଗପୁର ଥାନା ଅଁଳାଡୁବା ବସ୍ତି ଅଞ୍ଚଳର ଭାଗିରଥି ନାଏକ ମଙ୍ଗଳବାର ପଡ଼ୋଶୀ ରଘୁନାଥ ନାଏକଙ୍କ ଘରେ ନିଆଁ ଲଗାଇ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୧୪୭/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଖବରପାଇ ବିଜାତଳା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପୂର୍ବାହ୍ନରେ ନିଶାସକ୍ତ ଅବସ୍ଥାରେ ଭାଗିରଥି ନିଜ ମା' ଓ ଭଉଣୀଙ୍କୁ ମାଡ଼ ମାରିବାରୁ ସେମାନେ ପଡ଼ୋଶୀ ରଘୁନାଥଙ୍କ ଘରେ ଆଶ୍ରୟ ନେଇଥିଲେ। ଭାଗିରଥି ଏଥିରେ କ୍ରୋଧାନ୍ୱିତ ହୋଇ ରଘୁନାଥଙ୍କ ଚାଳଛପର ଘରେ ନିଆଁ ଲଗାଇ ଦେଇଥିଲେ।

# ଡଙ୍ଗା ଭସାଇଲେ ଶ୍ରଦ୍ଧାଳୁ



ଜଣେ ଶ୍ରଦ୍ଧାଳୁ ବୋଇତ ଭସାଉଛନ୍ତି।

ବାରିପଦା ଅଫିସ,୧୨।୧୧

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ସକାଳୁ ବାରିପଦା ସହରର ଆବାଳ ବୃଦ୍ଧବନିତା ସ୍ଥାନୀୟ ବୁଢ଼ାବଳଙ୍ଗ ନଦୀ ଓ ସହରର ବିଭିନ୍ନ ପୁଷ୍କରିଣୀରେ ଡଙ୍ଗା ଭସାଇଛନ୍ତି। ସ୍ନାନ କରିବା ପରେ ଶ୍ରଦ୍ଧାଳୁମାନେ ସୋଲ, କଦଳୀ ପାଟୁଙ୍ଗା ଉପରେ ଦୀପ ଲଗାଇ ବିଭିନ୍ନ ପୂଜା ସାମଗ୍ରୀ ରଖିବା ସହିତ ଆ କା ମା ବୈ ଗୀତ ଗାଇ ପାଣିରେ ଡଙ୍ଗା ଭସାଇଥିଲେ। ଏହାପରେ ବାରିପଦା ଜଗନ୍ନାଥ ମନ୍ଦିର, ଅମ୍ବିକା ମନ୍ଦିର ଆଦି ବିଭିନ୍ନ ମନ୍ଦିରରେ ଦେବଦେବୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ।

## ମାଣତ୍ରୀ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ

# ଜ୍ୟୋତିର୍ଲିଙ୍ଗରେ ବେଲପତ୍ର ସହ ତୁଳସୀ ଲାଗି

ବଡସାହି,୧୨।୧୧(ସ୍ୱ.ପ୍ର)


ମାଣତ୍ରୀ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼।

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବଡ଼ସାହି ବ୍ଲକ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥଙ୍କ ପୀଠରେ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ପଞ୍ଚକ ୫ଦିନ ଧରି କଖାରୁଆ ମହାଦେବଙ୍କ ଜ୍ୟୋତିର୍ଲିଙ୍ଗରେ ଶ୍ରୀଜଗନ୍ନାଥଙ୍କ ଅତିପ୍ରିୟ ତୁଳସୀର ମଞ୍ଜରୀ(ଜଟା) ସହିତ ବେଲପତ୍ର ଚଢା ହୋଇଥିଲା। ତେବେ ଶିବ ଲିଙ୍ଗରେ ବେଲପତ୍ର ପ୍ରତିବଦଳରେ ତୁଳସୀର ଜଟା ଲାଗି ହେବା ସ୍ୱତନ୍ତ୍ରତା ଥିବାରୁ ଭକ୍ତଙ୍କ ଗହଳି ଲାଗିଥିଲା । ପଞ୍ଚକ ସମୟରେ ଭାଗବତ ମତ ଅନୁଯାୟୀ ହରି ଓ ହରଙ୍କ ମିଳନ ହୋଇଥାଏ । ଏଣୁ ହରିଙ୍କର ଅତିପ୍ରିୟ ତୁଳସୀ ଓ ହରଙ୍କ ଅତିପ୍ରିୟ ବେଲପତ୍ର ଲାଗି ହୋଇଥାଏ। ବହୁ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ମଙ୍ଗଳବାର ବଡିଭୋରରୁ ଉଠି ମନ୍ଦିର ସନ୍ନିକଟ କୁଣ୍ଡିରେ ବୁଡ ପକାଇ ବୋଇତ ଭସାଇଥିଲେ। ପରେ ମହାଦେବଙ୍କୁ ପୂଜାପାଠ,ଦର୍ଶନ କରିବା ସହିତ ବେଢା ପରିକ୍ରମା କରିଥିଲେ। ମହାମୃତ୍ୟୁଞ୍ଜୟ ମନ୍ତ୍ର ଉଚ୍ଚାରଣ ସହିତ ଭଜନ ସଂକୀର୍ତ୍ତନରେ ପରିବେଶ ଭକ୍ତିମୟ ହୋଇପଡିଥିଲା। ସନ୍ଧ୍ୟାରେ ମହାଦେବଙ୍କ ସୁନାବେଶ ଦେଖିବା ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ବର୍ଷ ବର୍ଷ ଧରି ଭକ୍ତଙ୍କ ଭିଡକୁ ଦେଖି ଉଠା ଦୋକାନୀଙ୍କ ପସରା ଦିନକୁ ଦିନ ବଢିବାରେ ଲାଗିଛି । ଘରକରଣା ଜିନିଷ ଠାରୁ ଆରମ୍ଭ କରି ବିଭିନ୍ନ ସ୍ୱାଦର ଖାଦ୍ୟ ପରିବେଷଣ କରୁଥିବା ଦୋକାନୀଙ୍କ ଠାରେ ଦିନତମାମ ଭିଡ ଲାଗିଥିଲା। ତେବେ ପୂର୍ବାହ୍ନ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଟ୍ରାଫିକ ନିୟନ୍ତ୍ରଣ ଅଭାବ ପାଇଁ ସଂଯୋଗକାରୀ ରାସ୍ତା ଭିଡ଼ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲା । ବିକେବି ଯୁବକ ସଂଘ ସଭାପତି ଓ ବଣିକ ସଂଘ କର୍ମକର୍ତ୍ତା ପରିସ୍ଥିତି ନିୟନ୍ତ୍ରଣ କରିଥିଲେ । ସେହିପରି ଦେଉଳିଆ, ପ୍ରତାପପୁର, ସିଂହଟିଆ ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର ଓ ଶାଳଗାଁର ଗୋକୁଳ ଚନ୍ଦ୍ର ରାୟ ମହାପ୍ରଭୁଙ୍କ ମନ୍ଦିରମାନଙ୍କରେ ମଧ ଭକ୍ତଙ୍କ ସମାଗମ ହୋଇଥିଲା । ବ୍ଲକରେ ପ୍ରବାହିତ ଗଙ୍ଗାହାର ଓ ବୁଢ଼ାବଳଙ୍ଗ ନଦୀ ଓ ଜଳାଶୟମାନଙ୍କରେ ପ୍ରତ୍ୟୁଷରେ ବୋଇତ ଭସାଣ ସାଙ୍ଗକୁ ଆତସବାଜି ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବୈଶିଙ୍ଗା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ନଭେମ୍ବର ୧୩/୨୦୧୯ Balasore, Wednesday, November 13/2019




# ମାଣତ୍ରୀରେ ୧୪୦ ଫୁଟ୍ ଲମ୍ବର ଡଙ୍ଗା

**ସୋର, ୧୨।୧୧(ଡି.ଏନ.ଏ.)**

କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ସୋର ବ୍ଲକ ମାଣତ୍ରୀ ଗ୍ରାମରେ ଯୁବକମାନେ ୧୪୦ ଫୁଟ୍ ଲମ୍ବର ଡଙ୍ଗା ପ୍ରସ୍ତୁତ କରି ଗ୍ରାମ ପୋଖରୀରେ ଭସାଇଛନ୍ତି। ଗ୍ରାମର କେତେକ ଯୁବକଙ୍କ ଉଦ୍ୟମରେ ଏହା ସଫଳ ହୋଇଛି। ଏହି ଅବସରରେ ମଙ୍ଗଳବାର ଭୋର୍ ସମୟରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଡଙ୍ଗା ଭସାଣ କରାଯାଇଥିଲା। ବାଉଁଶ ଓ ସୋଲରେ ନିର୍ମିତ ଏହି ଡଙ୍ଗା ବେଶ୍ ଆକର୍ଷଣ ପାଲଟିଥିଲା। ଏହି ଡଙ୍ଗା ନିର୍ମାଣରେ ଗ୍ରାମର ଆଶିଷ ରାଉତ, ସଞ୍ଜୟ ରାଉତ, ଅଞ୍ଜନ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।






# ପିଲାଙ୍କ ସହ ଡଙ୍ଗାରେ ବୁଲିଲେ କେନ୍ଦ୍ରମନ୍ତ୍ରୀ



କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପିଲାଙ୍କ ସହ ଡଙ୍ଗାରେ ଚଢ଼ି ମଜା ନେଉଛନ୍ତି।

**ସଜନାଗଡ଼, ୧୨।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ମହାସମାରୋହରେ ପାଳିତ ହୋଇଛି। ଭୋର୍ ସମୟରେ ମହିଳାମାନେ ସ୍ନାନ କରି ବିଭିନ୍ନ ଜଳାଶୟରେ ବୋଇତ ଭସାଇଥିଲେ। କାଠପାଳ ଅଞ୍ଚଳର ସୋନ ନଦୀରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଆରା ଢଙ୍ଗରେ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରିଛନ୍ତି। ସେ କୁନି କୁନି ପିଲାଙ୍କ ସହ ନଦୀ ବାଲିରେ ଖେଳକୁଦ କରିବା ସହ ଡଙ୍ଗାରେ ବୁଲିବାର ମଜା ନେଇଥିଲେ। ଏହାସହ ନୀଳଗିରିର ବାଲିଗୋହିରି କଦମସାହି, ଘାଟଘରସାହି, ଶଙ୍କରାଖୁଣ୍ଟା, ସିମୁଳିଆ ଆଦି ସ୍ଥାନରେ ବଡ଼ ବଡ଼ ବୋଇତ ନିର୍ମାଣ କରାଯାଇ ଭସାଯାଇଛି। ବିଭିନ୍ନ ସ୍ଥାନରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ପୁରୁଣା ଅଶ୍ୱତ୍ଥ ଗଛ ଉପୁଡ଼ି ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ରାସ୍ତା ଅବରୋଧ

**ଧାମନଗର ୧୨।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକଦେଇ ଯାଇଥିବା ଭଦ୍ରକ- ଆଖଣ୍ଡଳମଣି ମୁଖ୍ୟ ରାସ୍ତାର ସୂର୍ଯ୍ୟପୁର ଛକରେ ଥିବା ଏକ ପୁରାତନ ବିରାଟ ଅଶ୍ୱତ୍ଥ ଗଛ ମଙ୍ଗଳବାର ଉପୁଡି ପଡିବାରୁ ରାସ୍ତା ଅବରୋଧ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଏହି ଛକରେ ଦାରୁ ଗଛଟି ଶହ ଶହ ବର୍ଷ ଧରି ରାସ୍ତାକଡ଼କୁ ଲାଗି ରହିଥିଲା । ପୂର୍ବରୁ ପାଦରେ ଚାଲି ଚାଲି ଯାଉଥିବା ବାଟୋଇ ଓ ତୀର୍ଥଯାତ୍ରୀଙ୍କୁ ଖରା ସମୟରେ ଏହା ନିଜ ଛାଇରେ ଆଶ୍ରୟ ଦେଇ ଆସୁଥିଲା। ଗ୍ରାମବାସୀ ଗଛ ଚାରି ପାଖରେ ପକ୍କା ପିଣ୍ଡି କରି ବସାଉଠା କରୁଥିଲେ। ମଙ୍ଗଳବାର ହଠାତ ଗଛଟି ଉପୁଡି ମୁଖ୍ୟ ରାସ୍ତା ଉପରେ ପଡି ଯାଇଥିଲା। ତେବେ ରାସ୍ତାରେ ଏ ନେଇ କିଛି ଦୁର୍ଘଟଣା ଘଟି ନାହିଁ। ରାସ୍ତା ଆର ପଟେ ଥିବା କେତେକ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ଧୂଷୁରୀ ଥାନା ଆଇଆଇସି ପ୍ରଫୁଲ୍ଲ କୁମାର ସିଂ ରାସ୍ତା ସଫା କରିବା ପାଇଁ ଧାମନଗର ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ସେମାନେ ପହଞ୍ଚି ଗଛ କାଟି ରାସ୍ତାରୁ ହଟାଇଥିଲେ। ମଙ୍ଗଳବାର ରାହାସ ପୂର୍ଣ୍ଣିମା ପାଇଁ ଆଖଣ୍ଡଳମଣିଙ୍କ ପୀଠକୁ ଭକ୍ତଙ୍କୁ ନେଇ ଯାତାୟାତ କରୁଥିବା ଶତାଧିକ ଗାଡ଼ିମୋଟର ସେଠାରେ ଅଟକି ରହିଥିଲା।

# ଆରଡ଼ି ଶୈବପୀଠ ଭକ୍ତିମୟ
# ପାହାନ୍ତାରେ ଡଙ୍ଗା ଭସାଇ ବ୍ରତ ଭାଙ୍ଗିଲେ ଶ୍ରଦ୍ଧାଳୁ

■ ପୂର୍ବାହ୍ନରେ ଟ୍ରାଫିକ ଜାମ୍, ଅସମ୍ଭବ ଭିଡ଼

■ ସନ୍ଧ୍ୟାରେ ହରଗୌରୀ ବେଶ ମନ ମୋହିଲା

**ଆରଡି, ୧୨।୧୧(ଡି.ଏନ.ଏ.)**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭଦ୍ରକ ଜିଲାର ଶୈବପୀଠ ଆରଡିରେ ସକାଳଠାରୁ ରାତି ଯାଏ ଶ୍ରଦ୍ଧାଳୁଙ୍କ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ମଙ୍ଗଳବାର ଭୋର ୪ ଟାରେ ମନ୍ଦିର ପହୁଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯାଇଥିଲା। ଏହାକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ସମସ୍ତେ ବ୍ୟାରିକେଡରେ ଜଣକ ପରେ ଜଣେ ଧାଡିରେ ଆସି ପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରଦ୍ଧାଳୁ ଓ ହବିଷିଆଳିମାନେ ଶିବଗଙ୍ଗା ପୁଷ୍କରିଣୀରେ ଡଙ୍ଗା ଭସାଇ ବ୍ରତ ଭାଙ୍ଗିଥିଲେ। ହରିବୋଲ ହୁଳହୁଳିରେ ସାରାପୀଠ ପ୍ରକମ୍ପିତ ହୋଇଉଠିଥିଲା। ପୀଠରେ ସାରା ଦିନ ଭକ୍ତମାନେ ଭିଡ଼ ଜମାଇ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ବାବା ଆଖଣ୍ଡଳମଣିଙ୍କ ହରଗୌରୀ ବେଶ ଭକ୍ତଙ୍କ ମନ ମୋହିଥିଲା।

ପୂର୍ବାହ୍ନରେ ଆରଡି ପୀଠରେ ପ୍ରବଳ ଜନସମାଗମ ହେବାରୁ ଏହାକୁ ନିୟନ୍ତ୍ରଣ କରିବା କାଠିକର ପାଠ ହୋଇଥିଲା। ଏପରି କି ଆରଡି ପ୍ରବେଶ ଦ୍ୱାର ପାଖରେ ଟ୍ରାଫିକ ଜାମ୍ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ, ସେବାୟତ, ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଭିଡ଼କୁ ନିୟନ୍ତ୍ରଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ଧୂଷୁରୀ ଥାନା ଓ ଆରଡି ଫାଣ୍ଡି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସନ୍ଧ୍ୟାରେ ବାବା ଆଖଣ୍ଡଳମଣିଙ୍କୁ ହରଗୌରୀ ବେଶରେ ସଜ୍ଜିତ କରାଯିବା ପରେ ପୀଠରେ ଉପସ୍ଥିତ ଶ୍ରଦ୍ଧାଳୁ ବେଶ ଦର୍ଶନ କରି ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। କଥିତ ଅଛି କାର୍ତ୍ତିକ ପୂର୍ଣ୍ଣିମାରେ ପ୍ରଭୁଙ୍କ ହରଗୌରୀ ବେଶ ଦର୍ଶନ କଲେ ଅନେକ ପୁଣ୍ୟ ମିଳିଥାଏ। ସେହିପରି ପୀଠରେ ଥିବା ଜଗନ୍ନାଥ ମନ୍ଦିରରେ ନାହିଁ ନ ଥିବା ଭିଡ଼ ହୋଇଥିଲା। ତପନ ପାଢୀଙ୍କ ତତ୍ତ୍ୱାବଧାନରେ ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ପୀଠରେ ଅନ୍ୟ ସ୍ଥାନରେ ମଧ୍ୟ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ ଏବଂ ଆରଡି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ।



ହରଗୌରୀ ବେଶରେ ଆଖଣ୍ଡଳମଣି।

# ଶାରୀଶୁଆ ଖଣି ଅଞ୍ଚଳ ପରିଦର୍ଶନ କଲେ ଜିଲାପାଳ, ଏସ୍‌ପି

**ଖଇରା, ୧୨।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଏସ୍‌ପି ବି. ଯୁଗଳ କିଶୋର ସୋମବାର ଅପରାହ୍ନରେ ଖଇରା ତହସିଲ ଓ ମୟୂରଭଞ୍ଜ ଜିଲା କପ୍ତିପଦା ତହସିଲ ଅଧୀନ ବିଭିନ୍ନ ଖଣି ପରିଦର୍ଶନ କରିଛନ୍ତି। ଗ୍ରୀନ ଟ୍ରିବ୍ୟୁନାଲର ରହିତାଦେଶ ପରେ ଜିଲାପାଳଙ୍କ ଏଭଳି ଗସ୍ତକୁ ନେଇ ଚୋରାରେ ଖଣି ଚଳାଉଥିବା ଖଣି ମାଲିକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

ପ୍ରଥମେ ୨ ଅଧିକାରୀ ଖଇରା ତହସିଲ ଅଧୀନରେ ବିଭିନ୍ନ ଖଣି ପରିଦର୍ଶନ କରିଥିଲେ। କିଛି ଖଣି ଭିତରେ ଜେସିବି ଓ ବ୍ଲାଷ୍ଟିଂ ମେଶିନ ଥିବା ଏବଂ ପାହାଡ଼ ରାସ୍ତାରେ ପୂର୍ବଭଳି ଗାଡ଼ି ଚଳାଚଳ କରୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ସେହିଭଳି କପ୍ତିପଦା ତହସିଲ ଅଧୀନରେ ବେଆଇନ ଭାବେ ଖଣି ବ୍ୟବହାର କରୁଥିବା କେତେକ ଖଣି ମାଲିକ ଚୋରି ସାମଗ୍ରୀ ପରିବହନ ପାଇଁ କୁପାରୀ ଶାରୀଶୁଆ ରାସ୍ତା ବ୍ୟବହାର କରୁଥିବା ସନ୍ଦେହ କରି ଅନୁଧ୍ୟାନ କରିଥିଲେ। ଜିଲାପାଳ ଓ ଏସ୍‌ପି ସେଠାରେ ଅଳ୍ପ ସମୟ ରହି ଫେରିଯାଇଥିଲେ। ଜିଲାପାଳ, ଏସ୍‌ପିଙ୍କ ସହ ତହସିଲଦାର ପ୍ରଦୀପ କୁମାର ସାହୁ, ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ, ରେଞ୍ଜର ବବିତା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଆସୁଥିବା ସମ୍ପର୍କରେ ସୂଚନା ପାଇ ଚୋରାରେ ଖଣି ବ୍ୟବହାର କରୁଥିବା ବହୁ ଖଣି ମାଲିକ ତାଙ୍କର ମେଶିନ ଓ ଡମ୍ଫରକୁ ବଣ ଭିତରେ ଲୁଚାଇଦେଇଥିବା ନେଇ ପାହାଡ଼ ତଳି ଅଞ୍ଚଳରେ ରହୁଥିବା ବାସିନ୍ଦାମାନେ ଅଭିଯୋଗ କରିଛନ୍ତି।



ଜିଲାପାଳ ଏବଂ ଏସ୍‌ପି ଶାରୀଶୁଆ ପାହାଡ଼ ପରିଦର୍ଶନ କରୁଛନ୍ତି।

# ■ ଦୋକାନରୁ ୮୩ ଲକ୍ଷ ହଡ଼ପ ଘଟଣା
# ମୁଖ୍ୟ ଅଭିଯୁକ୍ତ ଗିରଫ

**ତିହିଡ଼ି,୧୨।୧୧(ଡି.ଏନ୍.ଏ.):** ଭଦ୍ରକ ଜିଲା ତିହିଡ଼ି ବଜାରରେ ଥିବା ଏକ ଦୋକାନର ମାଲିକଙ୍କୁ ଠକି ୨ଜଣ କର୍ମଚାରୀ ୮୩ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗର ତଦନ୍ତ କରି ପୋଲିସ ପୂର୍ବରୁ ଜଣେ କର୍ମଚାରୀଙ୍କୁ ଗିରଫ କରିଥିଲା। ଏବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଅନ୍ୟତମ କର୍ମଚାରୀ ଭାଟପଡ଼ା ଗ୍ରାମର ଦିଲୀପ ନାୟକଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପୂର୍ବରୁ ଦିଲୀପଙ୍କ ସ୍ତ୍ରୀଙ୍କୁ ପୋଲିସ ଗିରଫ କରିଥିଲା। ପୋଲିସ ସୂଚନା ଅନୁଯାୟୀ ସ୍ଥାନୀୟ ଚେତନ ଟ୍ରେଡର୍ସର ମାଲିକ ବିବେକାନନ୍ଦ ନାୟକ ଗତ ଜୁଲାଇ ୨୮ ତାରିଖରେ ଅର୍ଥ ହଡପ ଘଟଣା ନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ମକଦ୍ଦମା (ନଂ.୩୩୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିବା ପରେ ଦୋକାନ କର୍ମଚାରୀ ପ୍ରିୟରଞ୍ଜନ ବିଶ୍ୱାଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ୩ଦିନ ରିମାଣ୍ଡରେ ଆଣି ଅଧିକ ପଚରା ଉଚୁରା କରାଯିବାରୁ ଅନେକ ରହସ୍ୟ ପଦାକୁ ଆସିଥିଲା।

# ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଧାୟକ, ପ୍ରଶାସନିକ ଅଧିକାରୀ

**ବାସୁଦେବପୁର, ୧୨।୧୧(ଡି.ଏନ୍.ଏ.)**

ଭଦ୍ରକ ଜିଲାର ସମୁଦ୍ର ଉପକୂଳବର୍ତ୍ତୀ ବାସୁଦେବପୁର ଅଞ୍ଚଳରେ ବୁଲ୍‌ବୁଲ୍ ବାତ୍ୟା ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଧାନଜମିରେ ଏଯାଏ ବର୍ଷାପାଣି ଜମି ରହିଛି। ବର୍ଷା ଓ ପବନ ମାଡ଼ରେ ଧାନଗଛଗୁଡ଼ିକ ତଳେ ପଡ଼ିଯାଇ ପାଣିରେ ବୁଡିରହିଥିବାରୁ ଏଥିରୁ ଅମଳ ମିଳିବା ସମ୍ଭାବନା କ୍ଷୀଣ ହୋଇଛି। ବର୍ଷାପାଣି ନିଷ୍କାସିତ ହୋଇପାରୁନଥିବାରୁ କେତେକ ସ୍ଥାନରେ ଧାନଗଛ ପଚିବାକୁ ଆରମ୍ଭ କଲାଣି। ପାଚିଲା ଧାନ ଏକପ୍ରକାର ନଷ୍ଟ ହୋଇଯାଇଛି। ବାତ୍ୟା ପ୍ରଭାବରେ ଶତାଧିକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିବା ସହିତ ତାର ଛିଣ୍ଡି ବିଦ୍ୟୁତ୍ ବିଭାଗର ବ୍ୟାପକ କ୍ଷତି ଘଟିଛି। ଦୁଇତିନି ଦିନ ଧରି ମରାମତି କାର୍ଯ୍ୟ ଚାଲିଥିଲେ ମଧ ପୂର୍ଣ୍ଣମାତ୍ରାରେ ସବୁ ଅଞ୍ଚଳକୁ ବିଦ୍ୟୁତ୍ ଦେବା ମିଳି ପାରି ନାହିଁ। ପ୍ରଶାସନିକ ସ୍ତରରେ କ୍ଷୟକ୍ଷତିର ପୂର୍ଣ୍ଣାଙ୍ଗ ଆକଳନ ପାଇଁ ନିର୍ଦ୍ଦେଶ ଦିଆଯିବା ପରେ ଏବେ କ୍ଷତି ଆକଳନ ଆରମ୍ଭ ହୋଇଛି। ମଙ୍ଗଳବାର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବାସୁଦେବପୁରରେ ପହଞ୍ଚି କ୍ଷୟକ୍ଷତିର ସମୀକ୍ଷା କରିବା ସହିତ ପ୍ରଶାସନିକ ଅଧିକାରୀଙ୍କ ସହିତ ଯାଇ ବାତ୍ୟା ବିଧ୍ୱସ୍ତ ଚୂଡାମଣି, ଆର୍ଡୁଁ, ଜଗନ୍ନାଥପୁର, କୁମାରପୁର, ନୂଆଗାଁ, ଇରମ ସୁଦର୍ଶନପୁର ସମେତ ପୌରପାଳିକାର ଭୈରବପୁର, ଗୋପାଳପୁର ଆଦି ଅଞ୍ଚଳର କ୍ଷତିଗ୍ରସ୍ତ ଚାଷଜମି ବୁଲି ଦେଖିଥିଲେ। ବିଧାୟକ ରାଉତରାୟ ଆର୍ଡୁଁ ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପଡ଼ି ବେରୁଣ ବିଶ୍ୱାଳଙ୍କ ଘର କ୍ଷତିଗ୍ରସ୍ତ ହୋଇଥିବାର ବୁଲି ଦେଖିଥିଲେ। ବିଧାୟକଙ୍କ ସହିତ ବିଡିଓ ପ୍ରଣବ କୁମାର ବେହେରା, ଭାରପ୍ରାପ୍ତ ତହସିଲଦାର ରାଧାକାନ୍ତ ବାରିକ, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ପଡୁଆଁ ସରପଞ୍ଚ ଦୀନବନ୍ଧୁ ଦାସ, ଶ୍ୟାମସୁନ୍ଦର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କ୍ଷୟକ୍ଷତିର ଆକଳନ କରିଛନ୍ତି।

# କ୍ଷତିପୂରଣ ଦେବାକୁ ଦାବିପତ୍ର

**ଜଳେଶ୍ୱର, ୧୨।୧୧(ଡି.ଏନ.ଏ.):** 'ବୁଲ୍‌ବୁଲ୍' ଦ୍ୱାରା ପ୍ରଭାବିତ ଚାଷୀ ଓ ଜନସାଧାରଣଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଲକ୍ଷ୍ମଣନାଥ ରୋଡ଼ ସୀମାନ୍ତ ଉନ୍ନୟନ ପରିଷଦ ପକ୍ଷରୁ ବାଲେଶ୍ୱର ଜିଲାପାଳଙ୍କୁ ଏକ ଦାବିପତ୍ର ତହସିଲଦାରଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧରେ ଚାଷଜମିର ତଦନ୍ତ କରି ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ, ଆସନ୍ତା ରବିଋତୁ ଫସଲ ପାଇଁ ସାର ଓ ବିହନ ମାଗଣା ଯୋଗାଇ ଦେବା, ସମସ୍ତ କୃଷିଋଣ ଛାଡ କରାଯିବା ଓ ନୂତନ ଋଣ ପ୍ରଦାନ ଆଦି ଅନ୍ତର୍ଭୁକ୍ତ। ଏହି ଦାବିପତ୍ରର ଏକ ନକଲ ଜଳେଶ୍ୱର ବିଧାୟକଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଉନ୍ନୟନ ପରିଷଦ ପକ୍ଷରୁ କମଳ ଚକ୍ରବର୍ତ୍ତୀ, ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ■ ବୁଲ୍‌ବୁଲ୍ ପ୍ରଭାବ: ବାହାନଗାରେ ବ୍ୟାପକ କ୍ଷତି
# '୧୮ ତାରିଖ ସୁଦ୍ଧା ରିପୋର୍ଟ ଦିଅ'

**ବାହାନଗା, ୧୨।୧୧(ଡି.ଏନ.ଏ.)**

ବଙ୍ଗୋପସାଗର ସୃଷ୍ଟି ହୋଇଥିବା ଲଘୁଚାପ ବୁଲବୁଲ ପ୍ରଭାବରେ ବାଲେଶ୍ୱର ଜିଲା ବାହାନଗା ବ୍ଲକର ବିଭିନ୍ନ ପଞ୍ଚାୟତରେ ବ୍ୟାପକ କ୍ଷତି ହୋଇଛି। ଏହାକୁ ନେଇ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କୃଷିବିଭାଗ ତରଫରୁ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି। ବ୍ଲକର ୨୪ ପଞ୍ଚାୟତର ୧୮ ହଜାର ୧୦୮ ହେକ୍ଟର ଚାଷ ଜମିରେ ଧାନ ଚାଷ ହୋଇଥିଲା। ତେବେ ପ୍ରବଳ ବେଗରେ ପବନ ବହି ୨୪ ପଞ୍ଚାୟତର ବିଭିନ୍ନ ଅଞ୍ଚଳର ଚାଷ ଜମିରେ ଥିବା ଥୋଡ ଧାନ ଓ ବାହାରୁଥିବା ଧାନ ଉପରେ ପାଣି ଉପରେ ମାଡିଯାଇଛି। ଧାନ ଗଛ ଉପରେ ବର୍ଷା ପାଣି ଲହଡି ଖେଳୁଛି। ଜମିରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ବ୍ୟାପକ କ୍ଷତି ହୋଇଛି।

କୃଷି ବିଭାଗ ତରଫରୁ କରାଯାଇଥିବା ପ୍ରାଥମିକ ଆକଳନରେ ବ୍ଲକର ଶତକଡା ୩୫ ଭାଗ ଧାନ କ୍ଷତି ହୋଇଛି। ଫଳରେ ୧୮ହଜାର ୧୦୮ ହେକ୍ଟର ମଧ୍ୟରୁ ୩ ହଜାର ହେକ୍ଟର ଜମିର ଧାନ କ୍ଷତି ହୋଇଥିବା ଜଣାପଡିଛି। ବ୍ଲକର ୨୪ ପଞ୍ଚାୟତର ୧୭୪ଟି ଗ୍ରାମରେ ଥିବା ଚାଷ ଜମି ମଧ୍ୟରୁ କେତେକାଂଶରେ ୧୦ରୁ ୨୦ ଭାଗ ଜମିର ଧାନ କ୍ଷତି ହୋଇଥିବା ଜଣାପଡିଛି। ଆସନ୍ତା ୧୮ ତାରିଖ ସୁଦ୍ଧା ବିଭାଗକୁ ସମ୍ପୂର୍ଣ୍ଣ ତଦନ୍ତ ରିପୋର୍ଟ ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପଣ୍ଡାଶୁଣି, ବରିପଦା, ଗୋପାଳପୁର ଓ ଚିଉଳ ପଞ୍ଚାୟତରେ କ୍ଷତି ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡିଛି। ତେବେ ପବନ ୭୦ ରୁ ୮୦ କିଲୋମିଟର ବେଗରେ ବହିଥିବାରୁ ବିଶେଷ କରି ପାଚି ଆସୁଥିବା ଧାନ ଗଛ ଉପରେ ଏହାର ପ୍ରଭାବ ପଡିଥିବା ବିଭାଗ ତରଫରୁ କୁହାଯାଇଛି। ଏ ବିଷୟରେ ବାଲିକଉିରଣ ଗ୍ରାମର ଚାଷୀ ଭାସ୍କର ଚନ୍ଦ୍ର ଦାସ, ବୁଦ୍ଧିରାମ ସାହୁ, ରଞ୍ଜିତା ଦାସ, ଚିଉଳର ଦିବାକର ମହାଳିକ, କରଞ୍ଜାବିନ୍ଧା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଯେନା, ଅରୁଣ କୁମାର ଯେନା, ଦୟାନିଧି ବେହେରା, ଗିଳିଦାର ଅନନ୍ତ କୁମାର ପଣ୍ଡା ପ୍ରମୁଖ ଧାନ ପାଣିରେ ବୁଡି ରହିଥିବାରୁ ତାହା ବିକ୍ରି ଉପଯୋଗୀ ହେବନାହିଁ। ଅନ୍ୟପକ୍ଷରେ ବାହାରୁଥିବା ଧାନସବୁ ପବନ ମାଡରେ ଅଗାଡି ହୋଇଯିବ। ଧାର କରଜ ଓ ବ୍ୟାଙ୍କରୁ ଚାଷ ଋଣ କରିଥିବା ବେଳେ ଏବେ ଧାନର ଯେଉଁ ଅବସ୍ଥା ହୋଇଛି ତାହା ମିଳିବା ଅସମ୍ଭବ ହୋଇପଡିଛି। ତାହା କିପରି ପରିଶୋଧ କରାଯିବ ସେହି ଚିନ୍ତାରେ ମୁଣ୍ଡ କାମ କରୁନାହିଁ। ଏକର ଏକର ଜିମିରେ ଧାନ ଗଛ ପାଣିରେ ଶୋଇରହିଛି। ସରକାର ଘୋଷଣା କରିଥିବା ସହାୟତା ରାଶି ସମୁଦ୍ରକୁ ଶଙ୍ଖେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସହକରି କୃଷି ଅଧିକାରୀ ରଙ୍ଗନାଥ ପାତ୍ର କହିଛନ୍ତି, ବ୍ଲକର ଶତକଡା ୩୫ ଭାଗ ଜମିରେ ଧାନ ନଷ୍ଟ ହୋଇଥିବା ଦେଖାଯାଇଛି। ପୁନର୍ବାର ଆରଆଇ, ଭିଏଲଡବ୍ଲ୍ୟୁମାନଙ୍କ ଦ୍ୱାରା ମିଳିତ ତଦନ୍ତ କରିବା ପରେ ପ୍ରକୃତ କେତେ କ୍ଷତି ହୋଇଛି ଜଣାପଡିବ।

## କୃଷି ବିଭାଗକୁ ଜିଲାପାଳଙ୍କ ନିର୍ଦ୍ଦେଶ



ବାଲିକଉିରଣ ଗ୍ରାମର ଚାଷୀମାନେ ପାଣି ଭିତରୁ ଧାନଗଛକୁ ଉଠାଉଛନ୍ତି।

# ସୁନାବେଶରେ ଦର୍ଶନ ଦେଲେ ମା'କୀଚକେଶ୍ୱରୀ

**ବାରିପଦା ଅଫିସ୍,୧୨।୧୧**

ମୟୂରଭଞ୍ଜ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀ ଶ୍ରଦ୍ଧାଳୁମାନଙ୍କୁ ସୁନାବେଶରେ ଦର୍ଶନ ଦେଇଛନ୍ତି। ମା'ଙ୍କ ଦର୍ଶନ ଲାଗି ମଙ୍ଗଳବାର ଖିଚିଂପୀଠ ଜନସମୁଦ୍ରରେ ପରିଣତ ହୋଇଥିଲା। ଏଠାରେ ପୂଜାର୍ଚ୍ଚନା ଓ ସୁନାବେଶ ଦର୍ଶନ ପାଇଁ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ ସମେତ ରାଜ୍ୟର ଦୂରଦୂରାନ୍ତରୁ ବହୁ ବହୁ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ମଧ୍ୟାହ୍ନପରେ ମନ୍ଦିର ପରିସରରେ ଭକ୍ତଙ୍କ ଗହଳି ବଢିଥିଲା। ସମସ୍ତଙ୍କ ପାଇଁ ବ୍ଲକ ପ୍ରଶାସନ, ମନ୍ଦିର ପ୍ରଶାସନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲପ୍ ହ୍ୟାଣ୍ଡସ୍ ଓ ମାରୱାଡି ଯୁବା ମଞ୍ଚର ମିଳିତ ସହଯୋଗରେ ଅନ୍ନଭୋଗ ବ୍ୟବସ୍ଥା ହୋଇଥିଲା। ମନ୍ଦିରଟ୍ରଷ୍ଟି ମୁଖ୍ୟ ତଥା ଉପଜିଲାପାଳ ଦୁଃଖବନ୍ଧୁ ନାୟକ, ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତ୍ସାରାଣୀ ନାୟକ, ମନ୍ଦିର ପରିଚ୍ଛା ଅଜୟ କୁମାର ସାହୁ, ରେଭିନ୍ୟୁ ଅଫିସର ମନ୍ମଥନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଶୋକ ପଟ୍ଟନାୟକ, ଏସ୍‌ଡିପିଓ ନାରାୟଣ ନାୟକ, ରରୁଆଁ ଭାରପ୍ରାପ୍ତ ଥାନା ଅଧିକାରୀ ଶୁକଦେବ ନାୟକଙ୍କ ସମେତ କରଞ୍ଜିଆ ସର୍କଲର ବିଭିନ୍ନ ଥାନାରୁ ସବ୍ ଇନିସ୍‌ପେକ୍ଟର, ପୋଲିସ୍, ୨ ପ୍ଲାଟୁନ୍ ସୁରକ୍ଷାବଳ ସଜାଗ ରହିଥିଲେ। ମୟୂରଭଞ୍ଜ ଏମପି ବିଶେଶ୍ୱର ଟୁଡୁ ଉପସ୍ଥିତ ରହି ବିଭିନ୍ନ ବ୍ୟବସ୍ଥାର ତଦାରଖ କରିଥିଲେ।



ମନ୍ଦିରରେ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ DHARITRI
ବାଲେଶ୍ୱର, ବୁଧବାର, ୧୩ ନଭେମ୍ବର, ୨୦୧୯


## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଘସିପୁରା,୧୨।୧୧(ଡି.ଏନ.ଏ.)- ଆନନ୍ଦପୁର ଥାନା ଅନ୍ତର୍ଗତ ଫକିରପୁର ବଙ୍ଗାଳି ସାହିରେ ଜଣେ ମହିଳାଙ୍କ ଅନୁରାଧା ଗୁଇଁ ନାମ୍ନୀ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ମହିଳା ଘରର ଏକ କାଠ ଖୁମ୍ବରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ପରିବାର ଲୋକେ କହୁଥିବା ବେଳେ ମହିଳାଙ୍କ ପରିବାର ପକ୍ଷରୁ କୃଷ୍ଣ ଚନ୍ଦ୍ର ଦାସ ଏହାକୁ ନେଇ ଆନନ୍ଦପୁର ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ଆନନ୍ଦପୁର ଥାନା ଏସଆଇ ସୁଶାନ୍ତ କୁମାର ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ଏକ ମାମଲା (ନଂ. ୩୫/୨୦୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଇ ତଦନ୍ତ ଆରମ୍ଭ କରିଛନ୍ତି।

### ୨ ବଖରା ଜଳିଗଲା

ରୂପ୍‌ସା,୧୨।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ହାତିଆଡ଼ିହା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ଗେହ୍ଲି ବୈଠାଙ୍କର ୨ ବଖରା ବାସଗୃହ ଭସ୍ମୀଭୂତ ହୋଇଯାଇଛି। ଘରର ଆସବାବପତ୍ର, ଲୁଗାପଟା, ବାସନକୁସନ, ଧାନଚାଉଳ ସମେତ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ବସ୍ତା ଦମକଳ ବାହିନୀ ପହଞ୍ଚି ନିଆଁକୁ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ସିମୁଳିଆ,୧୨।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଜାମୁଝାଡ଼ି ପଞ୍ଚାୟତ ଚାନ୍ଦୋଡି ଗ୍ରାମର ଲକ୍ଷ୍ମୀଧର ସାହୁ (୩୯)ଙ୍କ ସୋମବାର ପୂର୍ବାହ୍ନରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ତାଙ୍କୁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥାଇପାରେ ବୋଲି ସେମାନେ ଦର୍ଶାଇଛନ୍ତି।

### ବିଦ୍ୟୁତ୍ ତାର ଚୋରି ଅଭିଯୋଗ

ରୂପ୍‌ସା, ୧୨।୧୧(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଚାଉଳପୁରା ଗ୍ରାମ ଦେଇ ଯାଇଥିବା ବିଦ୍ୟୁତ୍ ଖୁଣ୍ଟିରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ତାର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବସ୍ତା ଥାନାରେ ମଙ୍ଗଳବାର ଏକ ମାମଲା (ନଂ. ୩୯୩/୧୯) ରୁଜୁ କରି ପୋଲିସ ତଦନ୍ତ ଜାରି କରିଛି। ୬ମାସ ପୂର୍ବରୁ ୧୧ଟି ବିଦ୍ୟୁତ୍ ଖୁଣ୍ଟରୁ ତାର କାଟି ନେଇଥିବା ନେଇ ବିଦ୍ୟୁତ୍ ଠିକାଦାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ତନାଘନା ଆରମ୍ଭ ହୋଇଛି।

### ଯୁବକଙ୍କ ଆତ୍ମହତ୍ୟା

ବାହାନଗା,୧୨।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ସାରଙ୍ଗପୁର ଗ୍ରାମର ଶରତ ମହାରଣା(୪୫) ନାମକ ଯୁବକ ମଙ୍ଗଳବାର ଘରୋଇ କଳିକୁ କେନ୍ଦ୍ରକରି ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଏନେଇ ଖନ୍ତାପଡା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪୬/୧୯) ରୁଜୁ କରାଯାଇଥିବା ଗୋପାଳପୁର ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନ ସୂଚନା ଦେଇଛନ୍ତି। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଲେ

ବାଲେଶ୍ୱର ଅଫିସ, ୧୨।୧୧

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପାଇଁ ବାଲେଶ୍ୱର ସହର ଚଳଚଞ୍ଚଳ ହୋଇପଡ଼ିଥିଲା। ମଙ୍ଗଳବାର ଭୋର୍ ସମୟରେ ସହରର ବିଭିନ୍ନ ନଦୀ, ପୋଖରୀ ଓ ସମୁଦ୍ରରେ ଡଙ୍ଗା ଭସାଇ ଶ୍ରଦ୍ଧାଳୁମାନେ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଥିଲେ।

ବୁଢ଼ାବଳଙ୍ଗ ନଦୀ ତୀରରେ ଅବସ୍ଥିତ ବାଲିଘାଟ ନୌବାଣିଜ୍ୟ ପରମ୍ପରାର ଅନ୍ୟତମ ମୂକସାକ୍ଷୀ। ଏହି ସ୍ମୃତିକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ଚାନ୍ଦିପୁର ଉପକୂଳରେ ବୋଇତ ବନ୍ଦାଇବା ପାଇଁ ଜିଲା ସମେତ ପଡ଼ୋଶୀ ମୟୂରଭଞ୍ଜ ଓ ଭଦ୍ରକ ଜିଲାରୁ ମଧ ଶ୍ରଦ୍ଧାଳୁମାନେ ଛୁଟି ଆସିଥିଲେ। ଶ୍ରଦ୍ଧାଳୁମାନେ ନଦୀଘାଟରେ ବୁଡ଼ ପକାଇବା ପରେ ସୂର୍ଯ୍ୟ ଦର୍ଶନ କରି ବିଭିନ୍ନ ମନ୍ଦିରରେ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରି ପରିବାରର ଶୁଭ ମନାସିଥିଲେ। ଏହାସହ ଶ୍ରଦ୍ଧାଳୁମାନେ ନଗର ସଙ୍କୀର୍ତ୍ତନରେ ବାହାରି ସହର ପରିକ୍ରମା କରିଥିଲେ। ଘରେ ଘରେ ତୁଳସୀ ଚଉରା ମୂଳରେ ଝୋଟି ଚିତା ଏବଂ ମୁରୁଜ ଆଙ୍କିବା ସହିତ ମହିଳାମାନେ ପୂଜାର୍ଚ୍ଚନା କରିଥିଲେ।


ବାଲିଘାଟରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଛନ୍ତି।

## ମିଳନୀର ରାହାସ ପୂର୍ଣ୍ଣିମା ଉତ୍ସବ

କେନ୍ଦୁଝର, ୧୨।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)

ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମିଳନୀ ସାହିତ୍ୟ ସଂସଦ ଓ ଘୁଟୁରୁଛିତ ପ୍ରସିଦ୍ଧ ଶୈବପୀଠ ମୁକ୍ତେଶ୍ୱର ମନ୍ଦିର କମିଟିର ମିଳିତ ଆନୁକୂଲ୍ୟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବିଶ୍ୱାୟନ ପରିପ୍ରେକ୍ଷୀରେ କୃଷ୍ଣଚେତନା ସମ୍ପର୍କିତ ଏକ ଆଲୋଚନା ଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ମିଳନୀର ସଭାପତି ଡକ୍ଟର ବିମ୍ବାଧର ବେହେରା ଏଥିରେ ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟରେ କୃଷ୍ଣଙ୍କର ସମଗ୍ର ବିଶ୍ୱକୁ ଅବଦାନ ଅନ୍ୟତମ ଉତ୍ସ ଭାବେ ରହିଛି ଓ ରହିଥିବ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଡ଼ ସୁନୀଲ କୁମାର ରଥ ଯୋଗଦେଇଥିଲେ। ଅନ୍ୟତମ ଆଲୋଚକ ଡ଼ ବୀରେନ୍ଦ୍ର କୁମାର ମହାନ୍ତ କୃଷ୍ଣଙ୍କର ନାୟକତ୍ୱ ପ୍ରେମ, ଶାନ୍ତି, ସମଗ୍ର ପୃଥିବୀରେ ବିରଳ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କବି ଅଧ୍ୟାପକ ସୁଧା ଦାସ ଉପସ୍ଥିତ ଥିଲେ। କବି ପିନାକୀ ମିଶ୍ରଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଏହି ଆସରରେ କବୟିତ୍ରୀ ଇନ୍ଦୁମତୀ ପାତ୍ର କବିତା ସଂଯୋଜନା କରିଥିଲେ। କବି ଚିନ୍ତାମଣି ମହାଳିକ, ସରୋଜିନୀ ମିଶ୍ର, ବିଜୟଲକ୍ଷ୍ମୀ ମହାନ୍ତି, ସୁଜିତ ମିଶ୍ର, ଅଧ୍ୟାପକ ଜଗନ୍ନାଥ ଜେନା ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ମିଳନୀର କୋଷାଧ୍ୟକ୍ଷ ହରିହର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ତ୍ରିନାଥ ମେଳା ଉତ୍ସବ

ଢେଙ୍କିକୋଟ, ୧୨।୧୧(ଡି.ଏନ୍.ଏ.)

ଢେଙ୍କିକୋଟ ତ୍ରିନାଥ ମେଳା କମିଟିର ମଙ୍ଗଳବାର ୧୪ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ପ୍ରତ୍ୟେକ ବର୍ଷ କାର୍ତ୍ତିକ ମାସ ଶେଷ ଦିନରେ ଏହି ମେଳାର ଉତ୍ସବକୁ ଏଠାରେ ମହା ଆଡ଼ମ୍ବରରେ ପାଳନ କରାଯାଇଥାଏ। ପୂଜକଙ୍କ ଦ୍ୱାରା ପ୍ରଭୁ ତ୍ରିନାଥ ଠାକୁରଙ୍କ ମେଳା ଯଥାବିଧି ପୂଜାପାଠ କରାଯାଇ ତ୍ରିନାଥ ମେଳା ସମ୍ପର୍କିତ ବହି ପାଠ କରାଯାଇଥାଏ। ମେଳା ଶେଷରେ ବଜାର ବାସୀନ୍ଦା ତଥା ଯାତାୟାତ ଭକ୍ତମାନଙ୍କ ନିମନ୍ତେ ଅନ୍ନପ୍ରସାଦର ଆୟୋଜନ କରାଯାଇଥିଲା। କମିଟିର ମୁଖ୍ୟ ଶଶିଭୂଷଣ ବେହେରା, କୁନା ସାହୁ, ଶୈଳେନ୍ଦ୍ର ନାଏକ, ଦର୍ଶନ ବିଶ୍ୱାଳ, ରାମଚନ୍ଦ୍ର ସାହୁ, ଅନନ୍ତ ଚରଣ ସାହୁ, ନାରାୟଣ ବେହେରା, ଚନ୍ଦ୍ରମୋହନ ବେହେରା ପ୍ରମୁଖ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଦୀର୍ଘ ୧୪ ବର୍ଷ ହେଲା ଏହି ମେଳା ହୋଇ ଆସୁଅଛି।

## ହାଇବ୍ରିଡ ଧାନଚାଷ ପାଇଁ ପ୍ରଶିକ୍ଷଣ

ଚମ୍ପୁଆ, ୧୨।୧୧(ଡି.ଏନ.ଏ)

ଚମ୍ପୁଆ ବ୍ଲକ ମହେଶ୍ୱରପୁର ଠାରେ ଭି.ଏନ.ଆର ହାଇବ୍ରିଡ ସିଡସ ପକ୍ଷରୁ ଏକ କୃଷକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କମ୍ପାନୀ ଫିଲ୍ଡ ଆସିଷ୍ଟାଣ୍ଟ ପବିତ୍ର କୁମାର ମିଶ୍ର ଓ ଯତିନ କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇ କମ୍ପାନୀର ଧାନ କିଶମ ଭିଏନଆର-୨୨୩୩ର ବିଶେଷତ୍ୱ ସମ୍ବନ୍ଧରେ ସୂଚନା ଦେବା ସହିତ କମ୍ ବୃଷ୍ଟିପାତରେ ଚାଷ ତଥା ବିଭିନ୍ନ ରୋଗ ପୋକ ଦାଉରୁ କିପରି ରକ୍ଷା କରାଯାଇପାରିବ ସେବିଷୟରେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ।ଏହି ପରିପ୍ରେକ୍ଷୀରେ ହାଇବ୍ରିଡ ଧାନ ଚାଷୀ ରବିନ କୁମାର ମହାନ୍ତଙ୍କୁ ପୁରସ୍କାର ପ୍ରଦାନ ସହିତ ସମ୍ମାନିତ କରାଯାଇଥିଲା। ଏହି ସଭାରେ ବହୁ ଚାଷୀଙ୍କ ସମାଗମ ହୋଇଥିଲା।


ହାଇବ୍ରିଡ ଧାନ ଚାଷୀଙ୍କୁ ସମ୍ମାନିତ କରାଯାଉଛି।

■ମିର୍ଜାପୁର ସେବା ସମବାୟ ସମିତିର ବାର୍ଷିକ ଅଧିବେଶନ

## ଲାଭାଂଶ ବଣ୍ଟନ, ଗୃହ ନିର୍ମାଣ ସମ୍ପର୍କରେ ଆଲୋଚନା

ଖଇରା, ୧୨।୧୧(ଡି.ଏନ.ଏ.)

ଖଇରା ବ୍ଲକ ଅଧୀନ ମିର୍ଜାପୁର ସେବା ସମିତିର ବାର୍ଷିକ ଅଧିବେଶନ ପରିଚାଳନା ବୋର୍ଡର ସଭ୍ୟ ଓ ଚାଷୀମାନଙ୍କ ଗହଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଦିଲୀପ କୁମାର ବେହେରା ଏଥିରେ ପୌରୋହିତ୍ୟ କରିଥିଲେ। ପ୍ରଥମେ ସମ୍ପାଦକ ଦେବାଶିଷ ପାଢୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୨୦୧୯-୨୦ର ଆୟବ୍ୟୟର ହିସାବ ଓ ଆସନ୍ତା ୨୦୨୦-୨୧ବର୍ଷର ବଜେଟ ଉପରେ ଆଲୋକପାତ କରାଯାଇଥିଲା। ସମିତି ୫ବର୍ଷ ଧରି କ୍ରମାଗତ ଲାଭ କରି ଚାଲିଥିବାରୁ ପ୍ରଥମେ ଲାଭାଂଶ ବଣ୍ଟନ ଉପରେ ଆଲୋଚନା କରାଯାଇଥିଲା। ସମିତିର ନିଜସ୍ୱ ଗୃହ ନିର୍ମାଣ ଲାଗି ଆବଶ୍ୟକ ଜାଗା ଯୋଗାଇ ଦେବାକୁ ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଆବେଦନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏଥିସହ ନିକଟରେ ବୁଲ୍‌ବୁଲ୍ ବାତ୍ୟାରେ କ୍ଷତି ସହିଥିବା ଚାଷୀମାନେ କିଭଳି କ୍ଷତିପୂରଣ ପାଇବେ ସେ ସମ୍ପର୍କରେ ବିଚାର ବିମର୍ଶ କରାଯାଇଥିଲା। ରିଜୋଲ୍ୟୁଶନ ମାଧ୍ୟମରେ ଜିଲାପାଳଙ୍କୁ ଜଣାଇବାକୁ ସମିତି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଖିଲାପି ଋଣୀମାନଙ୍କ ପାଖରୁ ଋଣ ଆଦାୟ ସମ୍ପର୍କରେ ବିଶଦ୍ ଆଲୋଚନା କରାଯାଇଥିଲା। ଖଇରା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସଞ୍ଜୟ କୁମାର ମହାନ୍ତି, ଚାଷୀ ନବ କିଶୋର କର, ପ୍ରଭାତ କୁମାର ପଣ୍ଡା, ନାରାୟଣ ପଣ୍ଡା, କୈଳାସ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ସିମୁଳିଆ, ଖଇରା ଅଞ୍ଚଳରେ ବ୍ୟାପକ କ୍ଷତି

ଖଇରା, ୧୨।୧୧(ଡି.ଏନ.ଏ.)

**ତହସିଲ ଅଫିସ ଅଚଳ କରାଇବାକୁ ଚେତାବନୀ**

ବାଲେଶ୍ୱର ଜିଲା ଅଧୀନ ସିମୁଳିଆ ନିର୍ବାଚନୀମଣ୍ଡଳୀ ଅଧୀନ ସିମୁଳିଆ ଓ ଖଇରା ବ୍ଲକରେ ବୁଲ୍‌ବୁଲ୍ ବାତ୍ୟା ବ୍ୟାପକ କ୍ଷତି ଘଟାଇଛି । ୯୫ଭାଗ ଚାଷ ନଷ୍ଟ ହୋଇଛି। ରାଜସ୍ୱ କମିଶନର ରବିବାର ଭଦ୍ରକ ଜିଲାର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିବାବେଳେ ଅଧିକ କ୍ଷତି ହୋଇଥିବା ଖଇରା ସିମୁଳିଆ ବ୍ଲକକୁ ପରିଦର୍ଶନ ପାଇଁ ଆସିଲେନି । ଏଭଳି ଘଟଣା ସିମୁଳିଆ ଖଇରା ଅଞ୍ଚଳ ଚାଷୀଙ୍କୁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ସ୍ଥାନୀୟ ରାଜସ୍ୱ କିମ୍ବା କୃଷି ଅଧିକାରୀ ମଧ କ୍ଷୟକ୍ଷତି ଆକଳନ ପାଇଁ ଏ ପର୍ଯ୍ୟନ୍ତ ଜମିକୁ ଯାଇନାହାନ୍ତି। ତୁରନ୍ତ ଅଧିକାରୀମାନେ ଚାଷୀଙ୍କୁ ନ୍ୟାୟ ପ୍ରଦାନ ନ କଲେ ନିର୍ବାଚନ ମଣ୍ଡଳୀର ୫୯ ପଞ୍ଚାୟତର ଚାଷୀ ଓ ଭାଜପା କର୍ମୀଙ୍କୁ ନେଇ ତହସିଲ ଏବଂ କୃଷି ଅଫିସକୁ ଅଚଳ କରିବ ବୋଲି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ପଦ୍ମଲୋଚନ ପଣ୍ଡା ଚେତାବନୀ ଦେଇଛନ୍ତି । ସୋମବାର ଖଇରା ଦଳୀୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏଭଳି ଚରମବାଣୀ ଶୁଣାଇଛନ୍ତି। ଏଥିସହ ଚାଷୀଙ୍କ ସମସ୍ତ କୃଷିଋଣ ଛାଡ଼, ବୀମା ଅର୍ଥ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଉପଜିଲାପାଳ ନୀଲୁ ମହାପାତ୍ରଙ୍କ ନିକଟରେ ଦାବି କରିଛନ୍ତି । ଏହାଛଡ଼ା କେନ୍ଦ୍ରରୁ ସହାୟତା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଛନ୍ତି ବୋଲି କହିଛନ୍ତି। ପ୍ରାକ୍ତନ ମନ୍ତ୍ରୀ ପଣ୍ଡାଙ୍କ ସହ ନୂତନ ଭାବେ ମନୋନୀତ ହୋଇଥିବା ୭ ଜୋନର ସଭାପତି ଗଜେନ୍ଦ୍ର ପ୍ରସାଦ ଦାସ, ରାଜେଶ କୁମାର ରାଉତ, ପରୀକ୍ଷିତ ମହାପାତ୍ର, ମଧୁସୂଦନ ଜେନା, ରାଧାରମଣ ପଟ୍ଟନାୟକ, ପ୍ରଦୀପ କୁମାର ରାୟ, ରମେଶ ଚନ୍ଦ୍ର ସାହୁ, ପ୍ରବକ୍ତା ନିରଞ୍ଜନ ବେହେରା, ପତିତପାବନ କର ଓ ଶଙ୍କର୍ଷଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଖଇରା ତହସିଲଦାରଙ୍କୁ ଯୋଗାଯୋଗ କରିବାରେ କୃଷି ଅଧିକାରୀ, ଗ୍ରାମସେବକ, ରାଜସ୍ୱ ନିରୀକ୍ଷକମାନଙ୍କୁ ନେଇ ଟିମ୍ ଗଠନ କରାଯାଇଛି । ଖୁବ୍‌ଶୀଘ୍ର ସେମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ରିପୋର୍ଟ ଦେବେ ବୋଲି କହିଛନ୍ତି।


ଖବରଦାତା ସମ୍ମିଳନୀରେ ଜୋନ ସଭାପତିଙ୍କ ସହ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା।

### ପାକମୁଣ୍ଡିରେ ଜଗନ୍ନାଥଙ୍କ ସୁନାବେଶ ଓ ପ୍ରବଚନ

ବାଲିଆପାଳ, ୧୨।୧୧(ସ୍ୱ.ପ୍ର.)- କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବାଲିଆପାଳ ବ୍ଲକ ପାକମୁଣ୍ଡି ଗ୍ରାମର ଶ୍ରୀ ଶ୍ରୀ ଜଗନ୍ନାଥ ଚେତନା ଓ ସଂସ୍କୃତି ପରିଷଦ ପକ୍ଷରୁ ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଜଗନ୍ନାଥଙ୍କର ସୁନାବେଶ ଓ ପ୍ରବଚନ କାର୍ଯ୍ୟକ୍ରମ ଗତ ୮ ତାରିଖରୁ ଆରମ୍ଭ ହୋଇଛି । ସେଠାରେ ସୁସଜ୍ଜିତ ମଣ୍ଡପରେ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ସୁନାବେଶ ଅନୁଷ୍ଠିତ ହେବା ସହ ଯଥାରୀତି ପୂଜାର୍ଚ୍ଚନା କରାଯାଉଛି। ପ୍ରତ୍ୟେକ ସନ୍ଧ୍ୟାରେ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ, ଭଜନ ସନ୍ଧ୍ୟା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବିଶିଷ୍ଟ ପ୍ରବଚକ ଡ. ସତୀଶ ଚନ୍ଦ୍ର ପଣ୍ଡା, ଗୋପାଳ ଚନ୍ଦ୍ର ବେଜ ଜଗନ୍ନାଥ ଚେତନା ଏବଂ ବିଶ୍ୱଶାନ୍ତି ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ। ଏହି ଆଧାତ୍ମିକ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହେବ। କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ଜଗନ୍ନାଥ ଚେତନା ଓ ସାଂସ୍କୃତିକ ପରିଷଦର କର୍ମକର୍ତ୍ତା ରମାନାଥ କର, ହରେକୃଷ୍ଣ ଦାସ, ପୁରୁଷୋତ୍ତମ ପାତ୍ର, ଅଜୟ କରଣ, ଚନ୍ଦନ ପାତ୍ର, ବଳରାମ ମଣ୍ଡଳ, ସରୋଜ କର, ଅଜୟ ପିଳା, ଅଜିତ କରଣ, ମନୋରଞ୍ଜନ ପ୍ରଧାନ ଓ ବିଭୂତି କରଣ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅବଧାନ,**
**ଆଗ ମାଇପକୁ ଚଢ଼ଚାପଢ଼**
**ପଛ ମାଇପକୁ ସାବଧାନ ।**

ଏହା ଏକ ସାମାଜିକ ବ୍ୟଙ୍ଗ। ପ୍ରଥମ ସ୍ତ୍ରୀ ସ୍ୱାମୀର ଅନେକ ଦଢ଼ିମଢ଼ି ଭଲମନ୍ଦ ଗାଳିଗୁଲଜ ସହିପାରେ। ଦୁଃଖକଷ୍ଟ ଯନ୍ତ୍ରଣା ସହି ସେ ସ୍ୱାମୀକୁ ମାନି ଚଳିବା ସହ ଦି'ଚାପଡ଼ ପକେଇଲେ ବି ସହିଯାଏ। କିନ୍ତୁ ପଛରେ ବିଭାହୋଇଥିବା ସ୍ତ୍ରୀ ପ୍ରତି ଏତାଦୃଶ ବ୍ୟବହାର ଦେଖାଇଲେ ସେ ସହେ ନାହିଁ। ପୁରୁଷକୁ କୌଣସି କାରଣରୁ ବଶ ବା ମୁଗ୍ଧକରି ଆସିଥିବା ଉକ୍ତ ମହିଳା ପୁରୁଷ ଉପରେ ହୁକୁମ ଜାହିର କରେ। କାଳେ ଅଭିମାନ କରି ଘରୁ ପଳେଇବ ସେ ନେଇ ପୁରୁଷ ତାକୁ ଡରିହରି ଚଳିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଘଟ ଘଟାଇ କହୁଛି କଥା,**
**ଗୋଟିଏ ଗଣ୍ଡିକି ଚାରିଟି ମଥା ।**

କିଛି ବ୍ୟକ୍ତି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ତଟସ୍ଥ ହୋଇଯାଏ। ଆଚମ୍ବିତ କଥା ଶୁଣି କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଗୋଟିଏ ଶରୀରରେ ଚାରିଟି ମୁଣ୍ଡ ରହିବା ଭଳି ନିହାତି ଅସମ୍ଭବ ତଥା ଅବାସ୍ତବ କଥା କହୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## 'ସଂସ୍କୃତି, ପରମ୍ପରା ରକ୍ଷା ଲାଗି ପ୍ରୟାସ ଜରୁରୀ'


ବାର୍ଷିକ ଉତ୍ସବରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟମାନେ।

ରେମୁଣା, ୧୨।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶେରଗଡ଼ ନିକଟ ବଇଁଚାସ୍ଥିତ ନନ୍ଦିଘୋଷ ଜଗନ୍ନାଥ ମନ୍ଦିର କମିଟିର ତ୍ରୟୋଦଶ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ମନ୍ଦିରରେ ଠାକୁରଙ୍କ ବିଶେଷ ପୂଜାର୍ଚ୍ଚନା କରାଯିବା ସହ ଭଜନ କୀର୍ତ୍ତନ ଆୟୋଜନ କରାଯାଇଥିଲା। କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀ ବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତି ଓ ପରମ୍ପରା ରକ୍ଷା ଲାଗି ସମସ୍ତେ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ଆୟୋଜିତ ଧର୍ମସଭା ଇଂ. ଦୀପକ କୁମାର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବୀରେନ୍ଦ୍ର ପଣ୍ଡା, ପୂର୍ବତନ ସରପଞ୍ଚ ସୋମନାଥ ରାଉତ, ଦାମୋଦର ଖଣ୍ଡା, ସୁରଜିତ କୁମାର ନାୟକ ଯୋଗଦେଇଥିଲେ। ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ସହଯୋଗ ସକାଶେ କମିଟିର କର୍ମକର୍ତ୍ତା ସହଯୋଗ କାମନା କରିଥିଲେ। ଦୀନବନ୍ଧୁ ବେହେରା ମନ୍ଦିର ପ୍ରତିଷ୍ଠା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାକ ସୂଚନା ପ୍ରଦାନ କରିଥିଲେ। ପରେ ସାମୂହିକ ପ୍ରସାଦସେବନ କରାଯାଇଥିଲା।

■ବୋଇତ ବନ୍ଦାଣ ଉତ୍ସବ ସରିଲା

## ନୀଳରକ୍ତ କଙ୍କଡ଼ା ମୁଖ୍ୟ ଆକର୍ଷଣ


ବୋଇତ ବନ୍ଦାଣ ଉତ୍ସବରେ ଉପସ୍ଥିତ ଅତିଥି ଓ ଶ୍ରଦ୍ଧାଳୁ।

ରୂପ୍‌ସା, ୧୨।୧୧(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ବଗ୍‌ଦା-ଦୁବୁଲାଗଡ଼ି ନିକଟ ସମୁଦ୍ର ବେଳାଭୂମିରେ ମଙ୍ଗଳବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସରପଞ୍ଚ ଶୈଳଭାମା ଜେନା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଚିତ୍ରଶିଳ୍ପୀ କେଶବ ଚନ୍ଦ୍ର ଦାସ, ସମ୍ମାନୀତ ଅତିଥି ସରପଞ୍ଚ ରଶ୍ମିତା ମଣ୍ଡଳ, ସମାଜସେବୀ ବିଜୟାନନ୍ଦ ସ୍ୱାଇଁ, ଜୟଦେବ ସାହୁ, ଶ୍ରୀକୃଷ୍ଣ ଗିରି, ସେକ ଆକବର, ଶିକ୍ଷାବିତ୍ ପ୍ରେମଚାନ୍ଦ ପରିଡ଼ା, ନିମାଇଁ ଚାନ୍ଦ ପରିଡ଼ା, ସୁନିଲ ଦାସ ଓ ପରମେଶ୍ୱର ଜେନା ପ୍ରମୁଖ ମଞ୍ଚାସୀନ ହୋଇ ବୋଇତ ବନ୍ଦାଣ ଉତ୍ସବ ସମ୍ପର୍କରେ ଅତୀତର ସ୍ମୃତି ରୋମନ୍ଥନ କରିଥିଲେ। ନୀଳରକ୍ତ କଙ୍କଡ଼ା ସମେତ ନାଳି କଙ୍କଡ଼ା, ସମୁଦ୍ର କଙ୍କଡ଼ା, ଶାମୁକା, ଶିଆଳିଲଟା, ଝାଉଁ ଜଙ୍ଗଲ ଓ ବାଲୁକାଶିଳ୍ପର ଉତ୍କୃଷ୍ଟ ପ୍ରଦର୍ଶନୀ ସମସ୍ତ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ପ୍ରଦର୍ଶନୀରେ ଯୁବ ବାଲୁକାଶିଳ୍ପୀ ଗୋବିନ୍ଦ ମାନ୍ନା ଓ ଭାସ୍କର ପ୍ରଧାନ ଯୋଗଦେଇ ବେଳାଭୂମିରେ ଆକର୍ଷଣୀୟ ବାଲୁକା କଳା ତିଆରି କରିଥିଲେ। ନୀଳରକ୍ତ କଙ୍କଡ଼ା ଭଳି ଏକ ବିରଳ ପ୍ରଜାତିର ସାମୁଦ୍ରିକ ସଂରକ୍ଷଣ ଓ ସୁରକ୍ଷା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଉଭୟ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ହଳଦୀପଦା, ନୀଳଗିରି, ବାରିପଦା, ବୈଶିଙ୍ଗା ଓ ବେତନଟୀ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ପବିତ୍ର ରାସପୂର୍ଣ୍ଣିମା ଅବସରରେ ସମୁଦ୍ରରେ ବୋଇତ ଭସାଇ ପୁଣ୍ୟ ଅର୍ଜନ କରିଥିଲେ।

■ଆରମ୍ଭ ହେଲା ବ୍ୟାସକବି ପୁସ୍ତକ ମହୋତ୍ସବ

## 'ପାଠକଙ୍କ ରୁଚି ସାହିତ୍ୟକୁ ପ୍ରଭାବିତ କରିଥାଏ'

ବାଲେଶ୍ୱର ଅଫିସ, ୧୨।୧୧

ବାଲେଶ୍ୱରର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ 'ନୂତନ ସୃଷ୍ଟି' ପକ୍ଷରୁ ବ୍ୟାସକବି ପୁସ୍ତକ ମହୋତ୍ସବ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଖବରଦାତା ଗୌତମବୁଦ୍ଧ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ ଓଡ଼ିଆ ସାହିତ୍ୟରେ ସାରସ୍ୱତ ସାଧକଙ୍କ କୃତି ଓ ପାଠକୀୟ ରୁଚି ସମ୍ପର୍କରେ ଆଲୋଚନା କରିଥିଲେ। ପାଠକଙ୍କ ରୁଚି ଭାଷା ସାହିତ୍ୟକୁ ପ୍ରଭାବିତ କରିଥାଏ। ତେଣୁ ଲେଖକୀୟ ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ ପୌରୋହିତ୍ୟ କରିଥିବା ବେଳେ ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲି ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବୃନ୍ଦାବନପୁର ଶାସନ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବେଦପାଠ କରିଥିଲେ। ଶିକ୍ଷାବିତ୍ ଗୌରୀ ପ୍ରସାଦ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ପାଠକଙ୍କ ସଂଖ୍ୟା ହ୍ରାସକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ଦେବାଶିଷ ମହାନ୍ତି, ସୁରେନ୍ଦ୍ର ବେହେରା, ଅର୍ଜୁନ କମିଳା, କ୍ଷୀରୋଦ କୁମାର ବାରିକ, ଅଶୋକ ପଣ୍ଡା, ବିଚିତ୍ରାନନ୍ଦ ଦାସ, ବାସନ୍ତୀ ସାମଲ ପ୍ରମୁଖ ଯୋଗଦେଇ ଲେଖକୀୟ ଅଭିଜ୍ଞତା ଓ ଜିଜ୍ଞାସା ଭାବ ବୃଦ୍ଧି ସହିତ ପାଠକଙ୍କ ରୁଚିକୁ ଗୁରୁତ୍ୱ ଦେବା ଉଚିତ୍ ବୋଲି କହିଥିଲେ। ୧୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଅପରାହ୍ନରୁ ରାତି ୯ଟା ସମୟ ମଧ୍ୟରେ ପୁସ୍ତକ ମେଳା ଖୋଲା ରହିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ପୁସ୍ତକ ମହୋତ୍ସବରେ ରାଜ୍ୟ ବହୁ ପ୍ରତିଷ୍ଠିତ ପ୍ରକାଶକ, ବିତରକ ଓ ବିକ୍ରେତାଙ୍କ ପକ୍ଷରୁ ଶତାଧିକ ଷ୍ଟଲ ଖୋଲା ଯାଇଛି।

## ସଂକ୍ଷେପରେ

### ଗଛରେ ପିଟିହେଲା ୧୪ଚକିଆ ଟ୍ରକ

କେନ୍ଦୁଝର,୧୨।୧୧( ସ୍ୱ.ପ୍ର.)- ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଗଛରେ ପିଟିହେଲା ୧୪ଚକିଆ ଟ୍ରକ। ଫଳରେ ଚାଳକ ଗୁରୁତର ହୋଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ୪ପରିବାର। ସୂଚନା ଅନୁଯାୟୀ କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ପିଟାପିଟି ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏକ ଟ୍ରକ ପାରାଦୀପ ଠାରୁ ଲୁହାପଥର ବୋଝେଇ ନିମନ୍ତେ କେନ୍ଦୁଝର ଅଭିମୁଖେ ଆସୁଥିବା ବେଳେ ଚାଳକଙ୍କ ଆଖି ଲାଗିଯିବା କାରଣରୁ ଏହି ଦୁର୍ଘଟଣା ଘଟିଛି। ରାତି ପ୍ରାୟ ୨ଘଟିକା ସମୟରେ ପିଟାପିଟି ଗ୍ରାମ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ର ଡ୍ରେନକୁ ଡେଇଁ ଏସଆର ପାଇପକୁ ଧକ୍କା ଦେଇଥିଲା। ଧକ୍କା ହେବା ଫଳରେ ଚାଳକ ଜଣଙ୍କ ଗାଡି ମଧରେ ଚାପି ହୋଇ ରହିଯାଇଥିଲେ। ଧକ୍କାର ଶବ୍ଦ ଶୁଣି ଗ୍ରାମର ଯୁବକମାନେ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ କଟର ମେସିନ ଦ୍ୱାରା କାଟି ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତର ଅବସ୍ଥାରେ ଚାଳକଙ୍କୁ ଉଦ୍ଧାର କରି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଉକ୍ତ ଗାଡ଼ିଟି ପାରାଦୀପ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ହୋଇଥିବାବେଳେ ଚାଳକ ଜଣଙ୍କ ଢେଙ୍କାନାଳ ଜିଲା ଧପୁର ଥାନା ବେଗୁନିଆପାଳ ଗ୍ରାମର ଲୋକନାଥ ମୁଦୁଲି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଏହି ରାସ୍ତାରେ ଭାରିଯାନ ଚଳାଚଳକୁ ସରକାରୀସ୍ତରରେ ରୋକ ଲଗାଯାଇଥିବା ବେଳେ କିପରି ଏହି ରାସ୍ତାରେ ଭାରିଯାନ ଚଳାଚଳ ବୃଦ୍ଧି ପାଉଛି। ତାହାକୁ ନେଇ ପ୍ରତ୍ୟେକ ଦିନ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏଥିଲାଗି ହରିଚନ୍ଦନପୁର ଅଞ୍ଚଳବାସୀଙ୍କ ଦିନକୁ ଦିନ ଅସନ୍ତୋଷ ଦେଖିବାକୁ ମିଳିଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଟ୍ରକ୍ ଚକା ତଳେ ଆରଟିଓ କର୍ମଚାରୀଙ୍କ ଜୀବନ ଗଲା

## ଗାଡ଼ି ଯାଞ୍ଚବେଳେ ଦୁର୍ଘଟଣା

କେନ୍ଦୁଝର, ୧୨।୧୧ (ସ୍ୱ.ପ୍ର.)

କେନ୍ଦୁଝର ପୁରୁଣା ସହର ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ସକାଳେ ଯାନବାହନ ଯାଞ୍ଚ କରାଯାଉଥିବାବେଳେ ଏକ ଟ୍ରକ ମାଡ଼ିଯିବାରୁ ଜଣେ ଆର୍‌ଟିଓ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ଦ୍ରୁତ ଗତିରେ ଆସୁଥିବା ଏହି ଟ୍ରକ୍‌କୁ ଅଟକାଇବାକୁ ଉଦ୍ୟମ କରାଯିବାବେଳେ ଏଭଳି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ମୃତକ ହେଲେ ବିଜୟ ମହାନ୍ତ (୪୦)। ସେ ଆର୍‌ଟିଓରେ ଗାଡ଼ି ଚାଳକ ଭାବେ କାମ କରୁଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯିବାପରେ ଡାକ୍ତର ମୃତ ଘୋଷଣା କରିଥିଲେ। କେନ୍ଦୁଝର ସଦର ଥାନା ପୋଲିସ ମୃତଦେହ ଜବତ କରି ଏହାକୁ ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିର ପତ୍ତା ମିଳି ନ ଥିବା କେନ୍ଦୁଝର ଏସଡିପିଓ ପି.ଜେ.ଟପୋ ସୂଚନା ଦେଇଛନ୍ତି।

ଉଲ୍ଲେଖନୀୟ ଯେ, ମଙ୍ଗଳବାର କାର୍ତ୍ତିକପୂର୍ଣ୍ଣିମା ପାଇଁ ସରକାରୀ କାର୍ଯ୍ୟାଳୟ ଛୁଟି ଥିଲେ ମଧ ଆର୍‌ଟିଓ ପକ୍ଷରୁ ୨୦ ନଂ ଜାତୀୟ ରାଜପଥରେ ଶିରୀଷପାଳ ଗ୍ରାମ ନିକଟରେ ଗାଡ଼ି ଯାଞ୍ଚ କରାଯାଉଥିଲା। ଜଣେ ଜୁନିୟର ଏମଭିଆଇଙ୍କ ସହିତ ବିଜୟ ସେଠାରେ ଉପସ୍ଥିତ ଥିଲେ। ବଡବିଲ ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକକୁ ଅଟକାଇବା ବେଳେ ଚାଳକ ଖସି ଚାଲିଯିବାକୁ ଉଦ୍ୟମ କରିଥିଲେ। ଫଳରେ ବିଜୟ ଟ୍ରକ ଚକା ତଳେ ଚାପି ହୋଇଯାଇଥିଲେ। ଏଭଳି ଦୁର୍ଘଟଣା ଘଟିବାପରେ ବିନା ସୁରକ୍ଷା ବ୍ୟବସ୍ଥାରେ ଜାତୀୟରାଜପଥରେ କିଭଳି ଗାଡ଼ି ଯାଞ୍ଚ କରାଯାଉଥିଲା ସେନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆର୍‌ଟିଓ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଡାକ୍ତରଖାନା ପରିସରରେ ସନ୍ଧ୍ୟାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଏହି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ ଆର୍‌ଟିଓ ପକ୍ଷରୁ ଥାନାରେ ଏତଲା ଦିଆଯାଇ ନ ଥିବାରୁ ମାମଲା ରୁଜୁ ହୋଇ ନ ଥିବା ଥାନା ପକ୍ଷରୁ କୁହାଯାଇଛି। ବିଜୟ ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିବାରୁ ତାଙ୍କ ବୃଦ୍ଧ ମାତାପିତା, ସ୍ତ୍ରୀ ଏବଂ ଏକ ପୁତ୍ର ସନ୍ତାନ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି।

# ୫୦ ହଜାର ଭକ୍ତ ସମାଗମ



ଘଟଗାଁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଘଟଗାଁ, ୧୨।୧୧(ଡି.ଏନ.ଏ.)

ଘଟଗାଁ ମା' ତାରିଣୀ ପୀଠରେ କାର୍ତ୍ତିକ ପୂର୍ଣ୍ଣମୀ ତଥା ପଞ୍ଚୁକ ବ୍ରତ ସମାପନ ଦିବସରେ ମଙ୍ଗଳବାର ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥିସହିତ ମା'ଙ୍କ ସୁନାବେଶ ମଧ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ମା'ଙ୍କର ମଙ୍ଗଳ ଆରତୀ ବଡ଼ ସିଂହାର ବେଶ ସହିତ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରିଥିଲେ। ଭୋର ୬ଟାରେ ସମସ୍ତ ନୀତି ଶେଷ ପରେ ସାଧାରଣ ଦର୍ଶନ ହୋଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କ ଦର୍ଶନ ପାଇଁ ବାରିକେଡ ବ୍ୟବସ୍ଥା ସହିତ ଭୋଗଡାଲା ଧାଡ଼ି ଓ ସାଧାରଣ ଦର୍ଶନ ଧାଡ଼ି ବ୍ୟବସ୍ଥା ମନ୍ଦିର ପରିସରରେ ଭକ୍ତମାନେ ଦର୍ଶନ କରିଥିଲେ। ଅପରାହ୍ନ ୫ଟା ପର୍ଯ୍ୟନ୍ତ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗି ରହିଥିଲା। ମନ୍ଦିର ପୂଜକ ମୋହନ ଦେହୁରୀ, ପଦ୍ମଲୋଚନ ଦେହୁରୀ, ରମେଶ ଦେହୁରୀ, ବାବୁଲି ଦେହୁରୀ ଓ ପ୍ରଦୀପ ଦେହୁରୀ ପ୍ରମୁଖ ୨୦ରୁ ଉର୍ଦ୍ଧ୍ୱ ଉପସ୍ଥିତ ରହି ଭକ୍ତଙ୍କ ଶୃଙ୍ଖଳା ଦର୍ଶନ କରାଇଥିଲେ। ଟ୍ରଷ୍ଟବୋର୍ଡ଼ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ସଦସ୍ୟ ଆନନ୍ଦ ଚନ୍ଦ୍ର ସିଂହ, ନିର୍ମଳ ମହାନ୍ତି, ଦୟାନିଧି ମହାନ୍ତ, ବଳଭଦ୍ର ନନ୍ଦ ଓ ମନ୍ଦିର କର୍ମଚାରୀ, ସ୍ଥାନୀୟ ପୋଲିସ ଉପସ୍ଥିତ ଥିଲେ।

# ପଞ୍ଚୁକ ପାଇଁ ଚଳଚଞ୍ଚଳ ଝାଡ଼େଶ୍ୱର ପୀଠ

## ବୈତରଣୀ ଘାଟରେ ବୁଡ଼ ପକାଇଲେ ବହୁ ଶ୍ରଦ୍ଧାଳୁ

ଘସିପୁରା, ୧୨।୧୧(ଡି.ଏନ.ଏ.)



ଝାଡ଼େଶ୍ୱର ମନ୍ଦିରରେ ଭକ୍ତମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଓ ପଞ୍ଚୁକ ଉପଲକ୍ଷେ ମଙ୍ଗଳବାର ପ୍ରସିଦ୍ଧ ଘସିପୁରା ଝାଡ଼େଶ୍ୱର ବୈତରଣୀ ଘାଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବଡିଭୋରରୁ ପୁଣ୍ୟତୋୟା ବୈତରଣୀ ନଦୀରେ ସ୍ନାନ କରିବା ପାଇଁ ଆଖପାଖ ଅଞ୍ଚଳ ସମେତ ପଡ଼ୋଶୀ ଜିଲାର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ନଦୀରେ ଆ..କା..ମା..ବୈ... ଗୀତ ଗାଇ ଡଙ୍ଗା ଭସାଇଥିଲେ। ବିଶ୍ୱାସ ରହିଛି କାର୍ତ୍ତିକ ପୂର୍ଣ୍ଣମୀରେ ବୈତରଣୀରେ ସ୍ନାନ କଲେ ପାପକ୍ଷୟ ହେବା ସହିତ ମାନସିକ ପୂରଣ ହୋଇଥାଏ। ପଞ୍ଚୁକ ଉପଲକ୍ଷେ ଭୋର ୩ଟା ୩୦ରେ ପ୍ରଭୁ ଝାଡ଼େଶ୍ୱରଙ୍କ ଅବକାଶ ନୀତି ସମ୍ପନ୍ନ କରାଯାଇ ସ୍ୱତନ୍ତ୍ର ପୂଜାନୀତି ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଦର୍ଶନ ଓ ସ୍ନାନ ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇ ବ୍ୟାରିକେଡ ନିର୍ମାଣ କରାଯାଇଥିଲା। ସେହିପରି ସ୍ନାନ ଓ ପୂଜା ସାରିବା ପରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସେହିପରି ଏହି ଅବସରରେ ପ୍ରସିଦ୍ଧ ବୋଇତବନ୍ଦାଣ ଉତ୍ସବ ମଧ ଅନୁଷ୍ଠିତ ହୋଇଥିଲା। ପ୍ରାଚୀନ ଓଡ଼ିଆ ପରମ୍ପରାକୁ ମନେପକାଇବା ଉଦ୍ଦେଶ୍ୟରେ ଏହି ଉତ୍ସବ ପ୍ରତିବର୍ଷ ଆୟୋଜିତ ହୋଇଥାଏ। ଚଳିତ ବର୍ଷ ପ୍ଲାଷ୍ଟିକ ବର୍ଜନ ସଚେତନତା ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ପ୍ରାୟ ୧୫ଫୁଟ ଲମ୍ବର ଏକ ସ୍ୱତନ୍ତ୍ର ବୋଇତକୁ ବୈତରଣୀ ନଦୀରେ ଭସାଯାଇଥିଲା। କମିଟି ପକ୍ଷରୁ ପୀତାମ୍ବର ସା, ବିଶୁ ସାହୁ, ଯଦୁନାଥ ଓଝା, ମାନସ ସାହୁ, ଭଗବାନ ସାହୁ, ଚକ୍ରଧର ସାହୁ, ରଘୁନାଥ ସାହୁ, ନାରାୟଣ ସାହୁ, ଦିନକୃଷ୍ଣ ସାହୁ, ଦୀପକ ସାହୁ, ସୀତାରାମ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରକ୍ଷା ଦୃଷ୍ଟିରୁ ଘସିପୁରା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା।

## ବିନିଳାରେ ରାସ ପୂର୍ଣ୍ଣିମା ପାଳନ

ଢେଙ୍କିକୋଟ, ୧୨।୧୧(ଡି.ଏନ୍.ଏ.)

ଘଟଗାଁ ବ୍ଲକ ବିନିଳା ଗ୍ରାମ ପଞ୍ଚାୟତ ବିନିନ୍ଦା ଗ୍ରାମରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ପଞ୍ଚୁକ ଓ ରାହାସପୂର୍ଣ୍ଣିମା ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ନଭେମ୍ବର ୯ରୁ କାର୍ତ୍ତିକ ମାସ ନିଷ୍ଠାର ସହ ନୀତିନିୟମ ପାଳନ କରିଥିବା ହବିଶିଆଳିମାନେ ବଡ଼ ଠାକୁରଙ୍କର ବଡ଼ଓଷା ପାଳନ କରି ଗ୍ରାମରେ ଥିବା ଭାଗବତ ଟୁଙ୍ଗୀ ନିକଟରେ ପୂଜକଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା କରି ଭଣ୍ଡାର ବସାଇଥାନ୍ତି ଏବଂ ରାଧାକୃଷ୍ଣଙ୍କ ଯୁଗଳ ଫଟୋ ଚିତ୍ରର ପୂଜାପାଠ କରି ରାହାସ ପୂର୍ଣ୍ଣିମା ପାଳନ କରନ୍ତି। ଦୀର୍ଘ ୩ଦିନ ଧରି ନାମଯଜ୍ଞ ମଧ କରିଥାନ୍ତି। ଅନୁରୂପ ଭାବେ ମଙ୍ଗଳବାର ଅପରାହ୍ନରେ ଠାକୁରଙ୍କୁ ଗ୍ରାମର ସମସ୍ତ ଗ୍ରାମବାସୀ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମରେ ଘରେ ଘରେ ଠାକୁରଙ୍କୁ ବନ୍ଦାପନା କରାଯାଇଥିବାବେଳେ ଗ୍ରାମ ମୁଣ୍ଡରେ ଥିବା ଦହିହାଣ୍ଡି ଭାଙ୍ଗିଥିଲେ। ସରପଞ୍ଚ ଘାସିନାଥ ମହାପାତ୍ର ସମେତ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଗୁରୁଚରଣ ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର, ଶ୍ରୀଧର ଖଣ୍ଡା, ରାମଚନ୍ଦ୍ର ସିଂହ, କ୍ଷେତ୍ରମୋହନ ସିଂହ ପ୍ରମୁଖ ପଞ୍ଚୁକ ଓ ରାହାସ ପୂର୍ଣ୍ଣିମା କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଉଥିବାବେଳେ ଗ୍ରାମବାସୀ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ।

## କାରୁବାକୀରେ ବୋଇତ ନିର୍ମାଣ ପ୍ରତିଯୋଗିତା

ବଡ଼ବିଲ, ୧୨।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଉପକଣ୍ଠସ୍ଥିତ କାରୋନଦୀକୂଳ କାରୁବାକୀରେ ଓଡ଼ିଆ ନୌବାଣିଜ୍ୟର ସ୍ମୃତିକୁ ମନେ ପକାଇବାକୁ ପରିବେଶ ଅନୁକୂଳ ବୋଇତ ନିର୍ମାଣ ପ୍ରତିଯୋଗିତା ଓ ବନ୍ଦାପନା ଉତ୍ସବ ଆନନ୍ଦ ଉଦ୍ଦିପନାର ସହ ଅନୁଷ୍ଠିତ ହୋଇଛି। ଓଡ଼ିଆ ସଂସ୍କୃତି ଓ ପରମ୍ପରାର ମହାନ୍ ପର୍ବ ବୋଇତ ବନ୍ଦାଣ। କାର୍ତ୍ତିକ ମାସ ଶେଷଦିନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ହୃତ ସ୍ମୃତିକୁ ମନେପକାଇବାର ଦିନ। ଧର୍ମର ଏହି କାର୍ତ୍ତିକ ମାସର ଶେଷ ଦିନରେ ପୁରପଲ୍ଲୀରେ ଥିବା ଜଳଉସ୍, ନଦୀ, ପୁଷ୍କରିଣୀ ସବୁଠି ବେଶ ଭିଡ଼ ଜମିଥାଏ। ବୋଇତ, ଡଙ୍ଗା, ଭେଳା ଆଦିକୁ ବନ୍ଦାପନା କରି ଭସାଇ ଥାଆନ୍ତି ମହିଳାମାନେ। ବଡ଼ବିଲର କାରୁବାକୀଠାରେ ଏହି ଅବସରରେ ନିଆରା ପରମ୍ପରାର ଆରମ୍ଭ ହୋଇଛି। କଳାକଳ୍ପନା ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ପରିବେଶ ପ୍ରତିକୂଳ ସାମଗ୍ରୀ ପ୍ଲାଷ୍ଟିକ, ପଲିଥିନ, ଥର୍ମୋକୋଲ ଆଦି ବ୍ୟବହାର ନ କରି ଅନୁକୂଳ ଅର୍ଥାତ୍ କାଗଜ, ପଟି, କାଠ ଓ ପ୍ଲାଇ ଆଦିରେ ବୋଇତ ନିର୍ମାଣର ପ୍ରତିଯୋଗିତା ବେଶ୍ ଆକର୍ଷଣୀୟ ହୋଇଥିଲା। ଅତିଥି ଭାବେ ପୂର୍ବତନ ପୌରାଧ୍ୟକ୍ଷ ଦିଲୀପ ମିଶ୍ର, ତହସିଲଦାର କ୍ଷୀରୋଦ କୁମାର ବେହେରା, ଅବସରପ୍ରାପ୍ତ ସହକାରୀ ବନ ସଂରକ୍ଷକ ପଦ୍ମନାଭ ରାଉତ, କ୍ଷେତ୍ରବାସୀ ପାତ୍ର ଓ ଅଧ୍ୟାପକ ପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଚାରକ ମଣ୍ଡଳୀ ଦ୍ୱାରା ପ୍ରତିଯୋଗିତାର ମୂଲ୍ୟାଙ୍କନ ପରେ ବୋଇତ ବନ୍ଦାପନା କରି ମହିଳାମାନେ ସମୂହ ବୋଇତ ଭସାଇଥିଲେ। ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରି, ସିପିଆଇ ଓ କଳାକଳ୍ପନା ତରଫରୁ ମଧ ବୋଇତ ବନ୍ଦାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ନକଲି ମଦ କାରବାରକୁ ନେଇ ମୁଖ୍ୟମନ୍ତ୍ରୀଙ୍କଠାରେ ଅଭିଯୋଗ

# ପୋଲିସକୁ ତଦନ୍ତ ପାଇଁ ନିର୍ଦ୍ଦେଶ

ଯୋଡ଼ା, ୧୨।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ ବିଲେଇପଦା ଅଞ୍ଚଳରେ ଖୋଲାଖୋଲି ବେଆଇନ ନକଲି ମଦ କାରବାର ଚାଲିଥିବା ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଇ- ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଆସିବା ପରେ ସୋମବାର ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ସୂଚନା ଅନୁଯାୟୀ, ଏକ ମଦ ବ୍ୟବସାୟ ସଂସ୍ଥାର କର୍ମଚାରୀମାନେ ଗତ ଜୁନ ମାସରେ ବିଲେଇପଦା ଠାରେ ଗ୍ରାହକମାନଙ୍କୁ ନକଲି ମଦ ବିକ୍ରି କରୁଥିବା ନେଇ ସିଏମଓ ଓଡିଶାଙ୍କୁ ଏକ ଇ-ଅଭିଯୋଗ ରେଜିଷ୍ଟ୍ରେଶନ (ନଂ-ସିଏମଓ ଏଫ୍‌ଏଫ/ଇ/୨୦୧୯/୦୨୩୦୦) କରାଯାଇଥିଲା। ଅଭିଯୋଗରେ ଦର୍ଶାଯାଇଥିଲା ଯେ, ସରକାରୀ ମଦ ଦୋକାନ କରିଥିବା ବ୍ୟବସାୟୀ ସଂସ୍ଥାର କର୍ମଚାରୀ ଅସଲି ମଦ ବୋତଲରୁ ଠିପିକୁ ଖୋଲି ସେଥିରେ ପାଣି ମିଶାଇ ଅତି ଚଞ୍ଚକତାର ସହିତ ମଦ ବୋତଲକୁ ବିକ୍ରିକରି ବିପୁଳ ଅର୍ଥ ରୋଜଗାର କରୁଛନ୍ତି। ଝାଡ଼ଖଣ୍ଡ ରାଜ୍ୟରୁ ଅତି ନିମ୍ନମାନର ବିଦେଶୀ ମଦ ଚୋରାରେ ଆଣି ଅସଲି ମଦ ବୋତଲରେ ଭର୍ତ୍ତିକରି ଚଢ଼ା ମୂଲ୍ୟରେ ବିକ୍ରି କରୁଛନ୍ତି। ସରକାରଙ୍କ ଲାଇସେନ୍ସପ୍ରାପ୍ତ ଠିପିବନ୍ଦ ବିଦେଶୀ ମଦଦୋକାନରେ କେବଳ ବିକ୍ରି କରିବାର ନିୟମ ରହିଥିଲେ ହେଁ ଉକ୍ତ କର୍ମଚାରୀମାନେ ରହୁଥିବା ଘରମାନଙ୍କରେ ଏହି ନକଲି ବିଦେଶୀ ମଦ ପ୍ରସ୍ତୁତ କରି ଦୋକାନରେ ବିକ୍ରି କରିବା ସହ ବିଭିନ୍ନ ସ୍ଥାନକୁ ଏହି ନକଲି ମଦ ଯୋଗାଉଛନ୍ତି। ଏହି ମଦ ଦୋକାନ ସମ୍ମୁଖରେ ବହୁ ମାତ୍ରାରେ ଖୋଲା ମଦ ବୋତଲ ଓ ପ୍ଲାଷ୍ଟିକ ଗ୍ଲାସ ଏଣେତେଣେ ପଡି ରହିବା ଯୋଗୁ ମଇଳା ଆର୍ବଜନାରେ ଭର୍ତ୍ତି ହୋଇ ରହିଛି। ଏହି ମଦ ବୋତଲକୁ ବିଭିନ୍ନ ସମୟରେ ନିକଟରେ ଥିବା ସୁନାନଦୀରେ ପକାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏସମ୍ପର୍କରେ ବଡବିଲ ଏସଡିପିଓ ଦିଲୀପ କୁମାର ବାଗ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ, ଏହି ଅଭିଯୋଗ ଉପରେ ସେ ଅବଗତ ଅଛନ୍ତି ଏବଂ ଏହାର ତଦନ୍ତ ଆରମ୍ଭ ହୋଇଛି।

## ୨୬ରୁ ଉର୍ଦ୍ଧ୍ୱ ହାତୀଙ୍କ ଉପଦ୍ରବ

### ଆତଙ୍କିତ ଅବସ୍ଥାରେ ଚାଷୀ

ତେଲକୋଇ, ୧୨।୧୧(ଡି.ଏନ.ଏ.)

ତେଲକୋଇ ବନାଞ୍ଚଳ ଅଧୀନ ଜଗମୋହନପୁରର ୩ଟି ପଞ୍ଚାୟତରେ ବଣୁଆ ହାତୀପଲ ଚାଷୀଙ୍କ ଧାନକ୍ଷେତ ଉଜାଡି ଦେଇଛନ୍ତି। ଏହି ହାତୀପଲ ୨୬ରୁ ଉର୍ଦ୍ଧ୍ୱ ରହିଥିବା ବେଳେ ଜଗମୋହନପୁରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ଜଙ୍ଗଲରେ ରହିଛନ୍ତି। ହାତୀପଲ ଛାମୁଣ୍ଡା, ଜଗମୋହନପୁର ଓ ବିଞ୍ଜବାହାଲ ପଞ୍ଚାୟତର ଧାନକ୍ଷେତକୁ ନଷ୍ଟ କରିବାରେ ଲାଗିଛନ୍ତି। ଖବର ପାଇ ବନ ବିଭାଗର ରେଞ୍ଜର ପ୍ରମୋଦକୁମାର ସେଠୀ ସହିତ ଏକ ସ୍କ୍ୱାର୍ଡ ହାତୀଙ୍କୁ ଘଉଡାଇବା ଉଦ୍ୟମ କରୁଥିବା ରେଞ୍ଜର ପ୍ରକାଶ କରିଛନ୍ତି।

# ବୈତରଣୀରେ ବୋଇତ ବନ୍ଦାଣ



ରାଜନଗରସ୍ଥିତ ବୈତରଣୀ ନଦୀରେ ଭସାଯାଇଥିବା ବୋଇତ ।

ପାଟଣା,୧୨।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀର ରାଜନଗର ସ୍ଥିତ ଶୈବ୍ୟା କାବେରୀ ଘାଟ ଓ ପାଟଣା ସ୍ଥିତ ବୈତରଣୀ ନଦୀର ବୈତରଣୀ ତୀର୍ଥ ଘାଟରେ ମଙ୍ଗଳବାର ପ୍ରତ୍ୟୁଷରେ କାର୍ତ୍ତିକ ପୂର୍ଣ୍ଣିମା ଅବସର ରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ଡଙ୍ଗା ଭସାଇଥିଲେ। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ବୈତରଣୀ ନଦୀରେ ବୁଡ଼ ପକାଇବା ପରେ ପାଟଣା ବୈତରଣୀ ନଦୀ ସନ୍ନିକଟ ପରମେଶ୍ୱର ମହାଦେବ, ଆନନ୍ଦେଶ୍ୱର ମହାଦେବ ଓ ସ୍ୱାମ ସ୍ଥିତ ସୋମେଶ୍ୱର ମହାଦେବ ମନ୍ଦିର ଓ ରାଜନଗର ଦଧିବାମନ ଜୀଉ ମନ୍ଦିରରେ ଦେବ ଦର୍ଶନ କରିଥିଲେ। ଏଥି ପାଇଁ ମଙ୍ଗଳବାର ମନ୍ଦିର ଗୁଡିକରେ ଭିଡ଼ ହୋଇଥିଲା। ଏହି ଶୈବ୍ୟାକାବେରୀ ଘାଟରେ ସୋମବାର ରାତି ୩ଟାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ କମିଟିର ସଭାପତି ଶରତ ଜ୍ୟୋତି କରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ତୃପ୍ତି ରଞ୍ଜନ ସିଂ, ରଞ୍ଜନ କୁମାର ପାଣି , ଧରଣୀ ଧର ଦାସ,ଭାଗୀରଥି ସିଂ ଓ ଶ୍ରବଣ କର ପ୍ରମୁଖ ଯୋଗ ଦେଇ ପ୍ରାଚୀନ ଓଡ଼ିଶାର ଐତିହ୍ୟ ସମ୍ପନ୍ନ ନୌବାଣିଜ୍ୟ ଗାଥାର ଅବତାରଣା କରିଥିଲେ। ଏଠାରେ ପ୍ରତବର୍ଷ ଭଳି ଏବର୍ଷ ୪୦ଫୁଟ ଲମ୍ବ ଓ ୨୦ ଫୁଟ ଓସାରର ବୋଇତ ନିର୍ମାଣ ହୋଇଥିଲା। ପ୍ରାରମ୍ଭରେ ବୋଇତକୁ ପୂଜକ ପ୍ରଦୀପ କୁମାର ପାଣି ପୂଜାର୍ଚ୍ଚନା କରିଥିଲେ। ବୋଇତ ବନ୍ଦାଣ କମିଟି ତରଫରୁ ଶ୍ରଦ୍ଧାଳୁଙ୍କ ସକାଶେ ପ୍ରସାଦ ବିତରଣ କରଯାଇଥିଲା।

# ବରଦାପାଳରେ ରାସପୂଜା

କେନ୍ଦୁଝର, ୧୨।୧୧(ସ୍ୱ.ପ୍ର.)– କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବରଦାପାଳରେ ରାହାସପୂଜା କମିଟି ଗୋପାଳ ସାହି ପକ୍ଷରୁ ୧୧, ୧୨ ଦୁଇଦିନ ଗ୍ରାମରେ ଶ୍ରୀକୃଷ୍ଣ ଭଗବାନଙ୍କ ପୂଜାର୍ଚ୍ଚନା କରାଯିବା ସହିତ 'ଗୋପରେ ବଢୁଛି କଳାକହ୍ନେଇ' ପୌରାଣିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ଏହି ପରମ୍ପରା ପୂର୍ବପୁରୁଷ ଧରି ଦୀର୍ଘ ବର୍ଷ ହେବ ଗୋପାଳ ସମାଜର ଲୋକ ମାନେ ପାଳନ କରିଆସୁଛନ୍ତି। ବଡ଼ି ଭୋରରୁ ସକାଳେ ଗ୍ରାମର ମହିଳା ପୁରୁଷ ଉଭୟ ନିକଟସ୍ଥ ବେତଝରୀ ନାଳରେ ଭିଭିନ୍ନ ରଙ୍ଗିନ ଡଙ୍ଗା ଭସାଇ ପଞ୍ଚୁକପାଳନ କରିଥିଲେ। ଏହି ଅବସରରେ ଯୋଡ଼ା ବ୍ଲକର ମୁଟୁଦା ଗ୍ରାମର ପୌରାଣିକ ଦଳ ମଙ୍ଗଳବାର ଆସି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାକୁ ଦେଖିବାକୁ ବହୁ ଜନସାଧାରଣଙ୍କ ସମାଗମ ହୋଇଥିଲା। ସରବସାଧାରଣଙ୍କ ପାଇଁ କମିଟି ତରଫରୁ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ବରଦାପାଳ ରାହାସପୂଜା କମିଟି ସଭାପତି ରବୀନ୍ଦ୍ର ବେହେରା, ସମ୍ପାଦକ ମାନସ ମହାକୁଡ଼, ଉତ୍ତମ କୁମାର ମହାକୁଡ଼, ବ୍ରହ୍ମାନନ୍ଦ ବେହେରା, ନବଘନ ବେହେରା, ସଞ୍ଜୟ ମହାକୁଡ଼, ଝୁଲୁ ମହାକୁଡ଼, ଶିର ପାଣି ବେହେରା, ମାର୍କଣ୍ଡ ବେହେରା, ପ୍ରଦୀପ ବେହେରା, ବିଜୟ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ଚଳିତବର୍ଷ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



'ଗୋପରେ ବଢୁଛି କଳାକହ୍ନେଇ' ନାଟକ ପରିବେଷଣ କରାଯାଉଛି।

## ବନୀକରଣ ଗଛ କଟା: ଜରିମାନା ଆଦାୟ

ପାଟଣା,୧୨।୧୧(ସ୍ୱ.ପ୍ର.)– କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ତୁରୁମୁଙ୍ଗା ସ୍ଥିତ ତେନ୍ତେଲା ଖେସେରା ଜଙ୍ଗଲ ନିକଟରୁ ବାଲି ଉତ୍ତୋଳନ କରିବା ସମୟରେ ବେଆଇନ ଭାବେ ବନଭାଗର ପ୍ଲାଣ୍ଟେସନ ଗଛ କାଟିବା ଅଭିଯୋଗରେ ଶନିବାର ରାତିରେ ବନବିଭାଗ ଦୁଇଟି ହାଇୱା ଓ ଗୋଟିଏ ପ୍ରୋକଲେନ ମେଶିନକୁ ଜବତ କରିଥିଲା। ତେବେ ମଙ୍ଗଳବାର ବନବିଭାଗ ସମ୍ପୃକ୍ତ ବାଲିଘାଟ ଲିଜ ଧାରୀ ଓ ହାଇୱା ମାଲିକଙ୍କଠାରୁ ୫ହଜାର ଟଙ୍କା ଲେଖାଏ ମୋଟ ୧୦ ହଜାର ଟଙ୍କା ଜରିମାନା ଆଦାୟ କରି ଗାଡ଼ି ଛାଡ଼ିଦେଇଥିବା ପାଟଣା ରେଞ୍ଜର ପବିତ୍ର ମୋହନ ନାୟକ ସୂଚନା ଦେଇଛନ୍ତି।

## ହାଟଡିହୀରେ ପଞ୍ଚୁକ ପାଳିତ

ହାଟଡିହୀ, ୧୨।୧୧ (ଡି.ଏନ.ଏ. /ସ୍ୱ.ପ୍ର.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହଟକେଶ୍ୱର ମନ୍ଦିରରେ ପଞ୍ଚକ ଉପଲକ୍ଷେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଦୀର୍ଘବର୍ଷ ଧରି ଏହି ପୁରାତନ ଶୈବ ମନ୍ଦିରରେ ମହାସମାରୋହରେ ପଞ୍ଚକ ପର୍ବ ପାଳିତ ହୋଇଆସୁଛି। ଗ୍ରାମବାସୀଙ୍କ ସାହାଯ୍ୟରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଭକ୍ତମାନଙ୍କ ପାଇଁ ପ୍ରସାଦସେବନ ବନ୍ଦୋବସ୍ତ କରାଯାଇଥିଲା। ସକାଳୁ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ଏଥିରେ ଦେବନ ଦାଶ, ବଳିଆ ପଣ୍ଡା, ଟୁନା ଦାଶ, ନୃସିଂହ ସେଠୀ, ଚିତ୍ତରଞ୍ଜନ ପହି, ସନ୍ତୋଷ ଚକ୍ର, ସୁରେଶ ମହାନ୍ତି, ହେମନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ଗାଁ

## ନା ଅଛି ରାସ୍ତା ନା ମିଳୁଛି ବିଜୁଳି

ଚମ୍ପୁଆ, ୧୨।୧୧(ଡି.ଏନ.ଏ.)



ଅବହେଳିତ ଚନ୍ଦ୍ରଶେଖରପୁର ନୂଆ ଗାଁର ମୁଣ୍ଡାସାହି।

ଚମ୍ପୁଆ ଏନ୍‌ଏସି ଅଧୀନ ୧୩ ନଂ ୱାର୍ଡ ଚନ୍ଦ୍ରଶେଖରପୁର ନୂଆ ଗାଁର ମୁଣ୍ଡା ସାହିରେ ଉନ୍ନତିର ପାଦ ପଡି ନ ଥିବା ଦେଖିବାକୁ ମିଳିଛି। ୫୦ରୁ ଉର୍ଦ୍ଧ୍ୱ ଘରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିଲେ ମଧ ଆଜି ପର୍ଯ୍ୟନ୍ତ ଉକ୍ତ ସାହିକୁ ରାସ୍ତା ନ ଥିବା ବେଳେ ବିଲ ହିଡ଼ ଓ ବଣ ମଝିରେ ପାଦଚଲାରାସ୍ତା ଏକମାତ୍ର ଭରଷା। ପ୍ରତ୍ୟେକ ବର୍ଷ ବଣୁଆ ହାତୀଙ୍କ ଉପଦ୍ରବ ଲାଗିରହିଥିଲେ ବି ବିଜୁଳି ଆଲୁଅ ଏମାନଙ୍କ ପାଇଁ ସପନ ପାଲଟିଛି। ସରକାର ଚମ୍ପୁଆକୁ ସହରାଞ୍ଚଳର ମାନ୍ୟତା ପ୍ରଦାନର ୪ ବର୍ଷ ପୂରିଲାଣି ହେଲେ ଏମାନଙ୍କ ଉନ୍ନତି ପାଇଁ ସତେ ଯେମିତି ସମସ୍ତେ ଆଖି ବନ୍ଦ କରିଦେଇଛନ୍ତି। ନା ପଡୁଛି ପ୍ରଶାସନର ନଜର ନା ପଡୁଛି ଏନ୍‌ଏସିର ନଜର୍। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଠାରେ ବସତି ଆରମ୍ଭ କରାଯାଇଛି ହେଲେ ପଞ୍ଚାୟତ ସମୟରୁ ଏହି ସାହି ପାଇଁ କୌଣସି ଉନ୍ନତି କାର୍ଯ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇନାହିଁ। ସାହିକୁ ଯିବାକୁ ହେଲେ ୨କି.ମି. କଞ୍ଚନପୁର ହୋଇଯାଉଥିବା ବେଳେ ଅନ୍ୟପଟେ ଜୟନ୍ତନାପୁର ହୋଇ ୩ କି.ମି. ବୁଲି ଯିବାକୁ ପଡୁଥିବା ଜଣାଯାଇଛି। ବିଜୁଳି ଆଲୁଅ ନ ଥିବାରୁ କିରୋସିନ ହିଁ ସାହି ବାସିନ୍ଦାଙ୍କ ଭରଷା। ଦୀର୍ଘ ଦିନ ପୂର୍ବରୁ କେଉଁ ଏକ ଯୋଜନା ଦ୍ୱାରା ଏହି ଆଦିବାସୀ ସାହିରେ ବିଦ୍ୟୁତ ପ୍ରଦାନ ପାଇଁ ୱାରିଂ କରାଯିବା ସହିତ ବଲ୍‌ବ ବାଡି ଲଗାଯାଇଥିଲା ହେଲେ ତାହା ସଂଯୋଗ ହେବା ସ୍ୱପ୍ନ ପାଲଟିଗଲା। ସାହିର କେତେକ ଲୋକ ସ୍ଥାନୀୟ ବ୍ୟାଙ୍କରୁ ହାତଗଣତି ସୌରଲାଇଟ ଲୋନ ଆକାରରେ ନେଇ ଆବଶ୍ୟକତା ମେଣ୍ଟାଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ସାହିର ସମସ୍ୟା ବିଷୟରେ ଅବଗତ କରାଯାଉଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ମୌଳିକ ସମସ୍ୟାର ସମାଧାନ ପାଇଁ ସାହୀବାସିନ୍ଦା ଦାବି କରିଛନ୍ତି।